## ସଂକ୍ଷେପରେ

### ଉନ୍ନତ କିସମ ବିହନ ଚାଷ ନିମନ୍ତେ ତାଲିମ



ଡେରାବିଶ, ୨୦।୩ (ସ୍ୱ.ପ୍ର.) ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅଧୀନ ଭାଣ୍ଡିଲୋ ଗ୍ରାମରେ ଜାତୀୟ ଧାନ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଉନ୍ନତ କିସମ ଧାନ ବିହନ ଚାଷ ନିମନ୍ତେ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାଣ୍ଡିଲୋ ଗ୍ରାମର ମହାତ୍ମାଗାନ୍ଧୀ ଫାର୍ମର୍ସ କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିରକୁ କ୍ଲବର ଉପମୁଖ୍ୟ ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ କୁମାର ଦାସ ସଂଯୋଜନା କରିଥିଲେ। ଜାତୀୟ ଧାନ ଗବେଷଣା କେନ୍ଦ୍ରର କୃଷି ବୈଜ୍ଞାନିକ ରବୀନ୍ଦ୍ର କୁମାର ସାହୁ ଓ ରାମେଶ୍ୱର ପ୍ରସାଦ ସାହୁ ଶିବିରରେ ଯୋଗଦେଇ ଚାଷୀମାନେ କେଉଁ ଦିଗରେ ସତର୍କ ରହିବା ଉଚିତ୍ ଏବଂ ବିହନ ଅମଳ ସମୟରେ କିଭଳି ଯତ୍ନ ନିଆଯିବ ସେ ସମ୍ପର୍କରେ ତାଲିମ ଦେଇଥିଲେ। ତାଲିମ ସମୟରେ ଧାନ ଗବେଷଣା କେନ୍ଦ୍ରର ଟେକ୍ନିସିଆନ୍ ଦେବାଶିଷ ମହାରଣା, ରମେଶ ଚନ୍ଦ୍ର ବେହେରା, ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ରମେଶ ଚନ୍ଦ୍ର ନାୟକ ଓ ଲଲନ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ବର୍ଷ ପାଇଁ ଅଧିକ ପରିମାଣର ବିହନ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯିବା ସହ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଧାନ ବିହନ ଚାଷ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ କ୍ଲବର ମୁଖ୍ୟ କେଶବ ଚରଣ ଜେନା ଧନ୍ୟବାଦ ଦେଇଥିଲେ।

### କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା ଅଫିସ୍, ୨୦।୩ କେନ୍ଦ୍ରାପଡ଼ା ବ୍ଲକ ବାରୋ ପଞ୍ଚାୟତ ଭୋଇସାହି ଗ୍ରାମର ପୁରୁଷୋତ୍ତମ ଦାସ (୫୫) ୨୦ ବର୍ଷ ଧରି ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଥିଯୋଗୁ ପୁରୁଷୋତ୍ତମଙ୍କ ପରିବାର ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଥିବା ବେଳେ ସରକାରୀ ବାସଗୃହ ଯୋଜନାରେ ଘର ଖଣ୍ଡେ ମଧ ପାଇନାହାନ୍ତି। ଏହି ପରିବାର ପାଲ ତଳେ ବସବାସ କରୁଥିବା ବେଳେ ପୁରୁଷୋତ୍ତମଙ୍କୁ କଟକସ୍ଥିତ ସିଫା ଚାରିଟେବୁଲ ହସ୍ପିଟାଲ ପକ୍ଷରୁ ବୁଧବାର ଆର୍ଥିକ ସହଯୋଗ ଯୋଗାଇ ଦିଆଯାଇଛି। ଏ ସମ୍ପର୍କରେ ହସ୍ପିଟାଲ ନିର୍ଦ୍ଦେଶକ ଡା. ସମ୍ମି ସଲିମ କୁହନ୍ତି, ଗଣମାଧ୍ୟମରୁ ପୁରୁଷୋତ୍ତମଙ୍କ ସମ୍ପର୍କରେ ସୂଚନା ମିଳିବା ପରେ ତାଙ୍କ ସମ୍ପର୍କରେ ତନଖି କରାଯାଇଥିଲା। ତାଙ୍କୁ ରୋଗମୁକ୍ତ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଡା. ସଲିମ ପ୍ରକାଶ କରିଛନ୍ତି। ଏହି ସମୟରେ ଡା. ସଲିମଙ୍କ ସହ ସେକ୍ ଅସଲମ, କରିମ ଖାନ, ମୀର ଉମର ଅଲ୍ଲୀ, ସଇଦୁର ରହେମନ ପ୍ରମୁଖ ସାମିଲ ହୋଇଥିଲେ।

■ ଜିଲାରେ ୧୨,୪୧୭ ଭିନ୍ନକ୍ଷମ ଭୋଟର

# ବୁଥ୍‌ରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

■ ସହଯୋଗ ପାଇଁ ପ୍ରତି ବୁଥ୍‌ରେ ରହିବେ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀ

■ ୧୪୩୮ ବୁଥ୍‌କୁ ଯୋଗାଇ ଦିଆଯିବ ଚକ ଲଗା ଚେୟାର

କେନ୍ଦ୍ରାପଡ଼ା ଅଫିସ, ୨୦।୩

ଚଳିତ ବର୍ଷର ସାଧାରଣ ନିର୍ବାଚନରେ ଭିନ୍ନକ୍ଷମଙ୍କୁ ଭୋଟ ଦାନ ପ୍ରକ୍ରିୟାରେ ସାମିଲ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପ୍ରତି ବୁଥ୍‌ରେ ର୍‍ୟାମ୍ପ ବ୍ୟବସ୍ଥା କରାଯିବା ସହିତ ଭିନ୍ନକ୍ଷମ ଭୋଟର ନିଜ ଇଚ୍ଛା ଅନୁସାରେ ସ୍ୱେଚ୍ଛାସେବୀଙ୍କ ସହଯୋଗ ନେଇପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏ ନେଇ ଗତ ୧୬ ତାରିଖରେ ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

କେନ୍ଦ୍ରାପଡା ଜିଲାରେ ଚଳିତ ବର୍ଷ ୧୪୩୮ ବୁଥ ସ୍ଥାପନ ହେଉଛି। ସମସ୍ତ ବୁଥ୍‌ରେ ବିଦ୍ୟୁତ୍, ପାନୀୟ ଜଳ, ପାଇଖାନା ଓ ଅପେକ୍ଷା ଗୃହର ବ୍ୟବସ୍ଥା ହୋଇଛି। ଏଥିସହିତ ପ୍ରତି ବୁଥରେ ର୍‍ୟାମ୍ପ ନିର୍ମାଣ ସରିଥିବା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ରାପଡା ଜିଲାରେ ୨୦୧୧ ଜନଗଣନା ଅନୁଯାୟୀ ମୋଟ ୪୦,୧୧୦ ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨,୪୧୭ ଜଣ ଭୋଟର ତାଲିକାରେ ସାମିଲ ହୋଇଛନ୍ତି। ଚଳିତ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ମୋଟ ୬୨୬ଟି ଚକଲଗା ଚେୟାର ବ୍ୟବସ୍ଥା ହୋଇଥିଲା। ତେବେ ଗତ ଫେବୃୟାରୀ ୯ ତାରିଖରେ ରାଜ୍ୟ କମିଶନଙ୍କ ଚିଠି (ନଂ.-୩୩)ରେ ପ୍ରତି ବୁଥରେ ଚକଲଗା ଚେୟାର ଓ ସ୍ୱେଚ୍ଛାସେବୀ ଯୋଗାଇ ଦେବାକୁ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ଚିଠି ହୋଇଛି। ଏଥିପାଇଁ ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୧୪୩୮ଟି ଚକଲଗା ଚେୟାର ଯୋଗାଇ ଦିଆଯିବ। ସେହିପରି ପ୍ରତି ବୁଥ୍‌ରେ ୧୪ରୁ ୧୮ ବର୍ଷର ଜଣେ ମହିଳା ଓ ଜଣେ ପୁରୁଷ ସ୍ୱେଚ୍ଛାସେବୀ ରହି ଭିନ୍ନକ୍ଷମ ଭୋଟରଙ୍କୁ ସହାୟତା କରିବେ। ଏଥିସହିତ ସେ ପ୍ରକାଶ କରିଛନ୍ତି, ପ୍ରତି ବ୍ଲକର ବୁଥ୍‌ସ୍ତରରେ ସର୍ବାଧିକ ଭିନ୍ନକ୍ଷମ ଥିବା ମତଦାନ କେନ୍ଦ୍ରକୁ ସ୍ୱତନ୍ତ୍ର ଭାବେ ସଜ୍ଜିତ କରାଯିବ। ଏ ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଶତପଥୀ କୁହନ୍ତି, ସ୍ୱେଚ୍ଛାସେବୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲା ଶିକ୍ଷା ବିଭାଗର ଭିନ୍ନକ୍ଷମ ବିଭାଗକୁ ଏ ନେଇ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ସ୍ୱେଚ୍ଛାସେବୀଙ୍କୁ ୩୦୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବା ଯୋଜନା ରଖିଛୁ। ଜିଲାରେ ଥିବା ବୁଥ୍ ମଧ୍ୟରୁ ୮ଟି ବୁଥରେ ର୍‍ୟାମ୍ପ ନିର୍ମାଣ ଚାଲିଛି। ଦିନେ ଦୁଇଦିନ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜିଲାପାଳ ଶତପଥୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ମହିଳା ଭୋଟରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର କେତେକ ସ୍ଥାନରେ ପିଙ୍କ ବୁଥ୍ ନିର୍ମାଣ ହୋଇଥିଲା।

■ ମଧ୍ୟାହ୍ନଭୋଜନରେ ଶଁବାଳୁଆ ପଡ଼ିବା ଘଟଣା

## ୩୨ ପିଲାଙ୍କୁ ୫ ହଜାର ଲେଖାଏଁ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା ଅଫିସ୍, ୨୦।୩

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ନହଙ୍ଗ ପଞ୍ଚାୟତସ୍ଥିତ ଜଗନ୍ନାଥ ଉ.ପ୍ରା. ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ହୋଇଥିବା ୩୨ ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯିବ। ରାଜ୍ୟ ମାନବାଧିକାର ଆୟୋଗ ଏ ସମ୍ପର୍କରେ ଏକ ଅଭିଯୋଗର ଶୁଣାଣି କରି ଆସନ୍ତା ୨ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଓ ଜିଲାପାଳଙ୍କୁ ଗତ ସୋମବାର ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ନଭେମ୍ବର ୧୧ ତାରିଖରେ ଉକ୍ତ ବିଦ୍ୟାଳୟରେ ରନ୍ଧା ଯାଇଥିବା ଅଣ୍ଡା ତରକାରିରେ ଶଁବାଳୁଆ ପଡିଥିବା ଖାଦ୍ୟ ଖାଇ ୩୨ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ପ୍ରଥମେ ୧୭ ଜଣ ପିଲାଙ୍କୁ ଏହି ଖାଦ୍ୟ ଦିଆଯିବା ପରେ ଅବଶିଷ୍ଟ ଛାତ୍ରୀଛାତ୍ରଙ୍କୁ ଏହି ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ପିଲାମାନେ ଖାଇସାରିବା ପରେ ତରକାରୀରେ ଶଁବାଳୁଆ ପଡିଥିବା ପାଚିକା ଦେଖିବାକୁ ପାଇଥିଲେ। କାର୍ଯ୍ୟରେ ଅବହେଳା ଯୋଗୁ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା ଏବଂ ୨ ଜଣ ପାଚିକାଙ୍କୁ ତତ୍କାଳୀନ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଥିଲେ। ଏହି ଘଟଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟର ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାନାଥ ତ୍ରିପାଠୀ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ରେ ଏକ ମାମଲା ରୁଜୁ କରିଥିଲେ।

■ ଉପକାରାଗାରରୁ କଏଦୀ ଫେରାର ଘଟଣାକୁ ବର୍ଷେ

## ହାତବାନ୍ଧି ବସିଛି ପୋଲିସ

କେନ୍ଦ୍ରାପଡ଼ା ଅଫିସ, ୨୦।୩

କେନ୍ଦ୍ରାପଡ଼ା ଜିଲା ବାରିମୂଳସ୍ଥିତ ଉପକାରାଗାରରୁ ହତ୍ୟା ଅଭିଯୁକ୍ତ ନିକିରାଇ ଥାନା ମିର୍ଜାପୁର ଗ୍ରାମର ରଙ୍ଗାଧର ବିଶ୍ୱାଳ ୨୦୧୮ ମାର୍ଚ୍ଚ ୧୮ ତାରିଖରେ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଇତିମଧ୍ୟରେ ଏହି ଘଟଣାକୁ ବର୍ଷେ ପୂରିଥିଲେ ହେଁ ରଙ୍ଗାଧରଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇନାହିଁ। ଜେଲ୍‌ରୁ ଅପରାଧୀ ଚମ୍ପଟ ହେବା ଜେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ପୋଲିସର କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରଙ୍ଗାଧର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ଜେଲ ଉଚ୍ଚ କର୍ତ୍ତୃପକ୍ଷ ସୁରକ୍ଷା ଦାୟିତ୍ୱରେ ଥିବା ୨ ତଳିଆ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ତେବେ ଘଟଣାକୁ ବର୍ଷେ ପୂରଣ ହୋଇଥିବା ବେଳେ ଜିଲା ପୋଲିସ ନୀରବ ରହିବା ଓ ଅପରାଧୀ ବାହାରେ ବୁଲିବା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୨୦୧୪ ଫେବୃୟାରୀ ୨୮ରେ ଏକ ପରକିୟା ପ୍ରୀତି ଘଟଣାକୁ କେନ୍ଦ୍ରକରି ମିର୍ଜାପୁର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କୁ ରଙ୍ଗାଧର ହତ୍ୟା କରିଥିଲେ। ମାର୍ଚ୍ଚ ୧ରେ ଶ୍ରୀକାନ୍ତଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ନିକିରାଇ ପୋଲିସ ରଙ୍ଗାଧରଙ୍କୁ ଗିରଫ କରିଥିଲା।



କେନ୍ଦ୍ରାପଡ଼ା ସହରସ୍ଥିତ ଉର୍ଦ୍ଦୁ ଲାଇବ୍ରେରିରେ ପ୍ରିଜାଇଡିଂ ଅଫିସରମାନଙ୍କୁ ବୁଧବାର ଉଭିଏମ୍ ଓ ଭିଭିପିଏଟି ମେଶିନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି।

## ବିଜେଡିରେ ମିଶିଲେ ୫୦ କଂଗ୍ରେସ ପରିବାର

ଆଳି, ୨୦।୩ (ଡି.ଏନ୍.ଏ.)

ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତ ପାଞ୍ଚଣପଡାଠାରେ ଗୁରୁବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସାନମଙ୍ଗର ପୂର୍ବତନ ସରପଞ୍ଚ କାର୍ତ୍ତିକ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଉପାଧ୍ୟକ୍ଷ ଦୀପକ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ପରିବାର କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବ ନୂତନ କର୍ମୀମାନଙ୍କୁ ଦଳୀୟ ଗାମୁଛା ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ବାମଦେବ ମହାନ୍ତି, ବାବୁରାମ ନାୟକ, ରଙ୍ଗାଧର ନାୟକ, ରାଜେନ୍ଦ୍ର ନାୟକ, ବନବିହାରୀ ବାରିକ, କୁଳମଣି ନାୟକ, ରସାନନ୍ଦ ମଲିକ, ପ୍ରମୋଦ ମଲିକ, ମନୋରଞ୍ଜନ ମିଶ୍ର, ସୁଲୋଚନା ମଲିକ, ସବିତା ମଲିକ, କନକଲତା ନାୟକ, ପୁଷ୍ପଲତା ନାୟକ, ନିରୁପମା ନାୟକ ପ୍ରମୁଖ ବିଜେଡିରେ ମିଶିଥିଲେ। ଏହି ମିଶ୍ରଣ ପର୍ବ ପୂର୍ବରୁ ବିଜେଡି ପକ୍ଷରୁ ବଡମଙ୍ଗଠାରୁ ଏକ ବିଶାଳ ପଦଯାତ୍ରା ବାହାରି ଶାସନ, ଜେନାସାହି, କୁଳସାହି ଦେଇ ପାଞ୍ଚଣପଡ଼ାରେ ପହଞ୍ଚିଥିଲା।



ରାଜ୍ୟସଭା ସଦସ୍ୟ ପ୍ରତାପ ଦେବ ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

## ବଜ୍ରପାତରେ ୨ବଖରା ସମେତ କୁକୁଡ଼ା ଫାର୍ମ ଜଳିଗଲା

### ୨୦୦ କୁକୁଡ଼ା ଜୀବନ୍ତ ଦଗ୍ଧ

ରାଜନଗର, ୨୦।୩ (ଡି.ଏନ୍.ଏ.)

କାଳବୈଶାଖି ପ୍ରଭାବରେ ରାଜନଗର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କାଳ ବୈଶାଖୀ ବେଳେ ବଜ୍ରପାତ ଘଟି କୁରୁଣ୍ଟି ଗ୍ରାମର ଶିବିର ପରିଡାଙ୍କ ୨ ବଖରା ସମେତ କୁକୁଡ଼ା ଫାର୍ମ ପୋଡିଯାଇଛି। ଏଥିରେ ଶିବିରଙ୍କ ପୋଷା କୁକୁର ଓ ଫାର୍ମରେ ଥିବା ୨ଶହରୁ ଊର୍ଦ୍ଧ୍ୱ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଯାଇଥିବା ଜଣାପଡ଼ିଛି। ବଜ୍ରପାତ ସମୟରେ ଶିବିରଙ୍କ ସ୍ତ୍ରୀ ଓ ଦୁଇ ଝିଅ ଘର ଭିତରେ ଥିବା ବେଳେ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଥିବାରୁ ସିବିରଙ୍କ ପରିବାର ଗ୍ରାମ ନିକଟସ୍ଥ ଏକ ଆଶ୍ରମରେ ଆଶ୍ରୟ ନେଇଛନ୍ତି। କାଳବୈଶାଖୀ ପ୍ରଭାବରେ ଅପରାହ୍ନ ୩ଟାଠାରୁ ପବନ ସହ କୁଆପଥର ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏହାଫଳରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ପବନ ଲାଗି ରହିଥିଲା।

## କେଳାପଡ଼ିଆ ମେଳଣ ଉଦ୍‌ଯାପିତ

ଡେରାବିଶ, ୨୦।୩ (ସ୍ୱ.ପ୍ର.)

ଫଗୁଣର ଦୋଳଯାତ୍ରା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆନନ୍ଦ ଉତ୍ସାହର ପର୍ବ। ଡେରାବିଶ ବ୍ଲକ ଅଞ୍ଚଳରେ ଦୋଳ ପର୍ବକୁ ଗଣପର୍ବ ଭାବେ ଗଣାଯାଉଛି। ଏହି ଅବସରରେ ବ୍ଲକ ଅଞ୍ଚଳର ପ୍ରସିଦ୍ଧ କେଳାପଡିଆ ମେଳଣ ବୁଧବାର ମଧ୍ୟାହ୍ନରେ ଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଛି। ମଙ୍ଗଳବାର ରାତି ୨ଟାରୁ ଏହି ପ୍ରାଚୀନ ମେଳଣ ଆରମ୍ଭ ହୋଇଥଲା। ପାରମ୍ପରିକ ରୀତିନୀତି ମଧ୍ୟରେ ଆରମ୍ଭ ହୋଇଥିବା ଏହି ମେଳଣ ପଡିଆରେ ଥାନପତି ଭାବେ ଶ୍ରୀଗୋପୀନାଥ ଜୀଉଙ୍କ ପ୍ରତିମା ଓଲଡ଼ି ମଠରୁ ଏକ ବିରାଟ ପଟୁଆରରେ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। କ୍ରମାନ୍ୱୟରେ ବିଭିନ୍ନ ଗ୍ରାମର ୪୭ରୁ ଊର୍ଦ୍ଧ୍ୱ ବିମାନ ପଡିଆ ମଧ୍ୟକୁ ବାଜା, ସଂକୀର୍ତ୍ତନ ଓ ବାଣ ପଟୁଆର ମଧ୍ୟରେ ପ୍ରବେଶ କରିଥିଲେ। ଏହି ମେଳଣରେ ସମସ୍ତ ବିମାନକୁ ଓଲଡି ମଠ ପକ୍ଷରୁ ମାଟି ହାଣ୍ଡିରେ ଭୋଗ ଲାଗି କରାଯାଇଥିଲା। କେନ୍ଦ୍ରାପଡା ଜିଲା ବାଲିଆ ଗ୍ରାମର ଜମିଦାର କାନୁନ୍‌ଗୋଙ୍କ ବିମାନ ଏହି ମେଳଣକୁ ଆସୁଥିବା ବେଳେ ପ୍ରତ୍ୟେକଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଠାକୁରବାଡିର ସେବାୟତଙ୍କ ମଧ୍ୟରେ ଅବିର ଖେଳ ଚଳିତ ବର୍ଷ ପାଇଁ ଆକର୍ଷଣ ସାଜିଥିଲା। ଏହି ମେଳଣରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡେରାବିଶ ଥାନା ପକ୍ଷରୁ ପୋଲିସ ମୁତୟନ ହୋଇଥିଲା। ସାମାଜିକ କର୍ମୀ ହଳଧର ଦାଶ, କ୍ଷୀରୋଦ ନାୟକ, ଜଗବନ୍ଧୁ ପାତ୍ର, କୈଳାସ ବେହେରା, ଦୁର୍ଯ୍ୟୋଧନ ରଣା, ଶ୍ରୀଚରଣ ନାୟକ, ହଳଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ।



କେଳାପଡ଼ିଆକୁ ପଟୁଆରରେ ଆସୁଥିବା ବିମାନ।

## ତାଣ୍ଡବ ରଚିଲା କାଳବୈଶାଖୀ

■ ଉଡ଼ିଗଲା ଆଜବେଷ୍ଟସ, ଅଧଘଣ୍ଟା ପ୍ରବଳ ବର୍ଷା

ମହାକାଳପଡ଼ା/ଆଳି, ୨୦।୩ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ବୋହିବା ସହ ଘଡ଼ଘଡ଼ି, ବିଜୁଳି ଓ ବର୍ଷା ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ଏହାର ପ୍ରଭାବରେ ବ୍ଲକ ଅଞ୍ଚଳର ବଡିଘର, ଜମ୍ବୁ, ସୁନୀତି, ରାମନଗର, ଖରିନାସୀ, ବଉଳାବଣୀ, ବାରଡାଙ୍ଗ ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। କେତେକ ସ୍ଥାନରେ ଚାଳ ଓ ଆଜବେଷ୍ଟସ୍ ଉଡ଼ିଯାଇଥିବା ବେଳେ ଘରେ ପାଣି ପଶି ଜନଜୀବନ ପ୍ରଭାବିତ ହୋଇଛି। ସୁନୀତି ପଞ୍ଚାୟତ ଅଧୀନ ବେଣାବନ୍ଧା ଗ୍ରାମର ରାକେଶ ମଣ୍ଡଳଙ୍କ ଆଜବେଷ୍ଟସ୍ ଘର ପବନରେ ଉଡ଼ିଯାଇଛି। ପ୍ରବଳ ବର୍ଷା ଯୋଗୁ ଘରେ ପାଣି ପଶି ସମସ୍ତ ଆସବାବ ପତ୍ର ଭିଜିଯାଇଥିବା ରାକେଶ କହିଛନ୍ତି। କାଳବୈଶାଖୀ ପ୍ରଭାବରେ ପ୍ରାୟ ଅଧଘଣ୍ଟା ଧରି ବର୍ଷା, ପବନ ଓ ବିଜୁଳି, ଘଡ଼ଘଡ଼ି ମାରିବା ଯୋଗୁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସେହିପରି ଜମ୍ବୁ ପଞ୍ଚାୟତର ସ୍ଥାନୀୟ କଣ୍ଡରାପାଟିଆ ଗ୍ରାମର ମା' ମନସା ମନ୍ଦିର ଆଜବେଷ୍ଟସ ଚାଦର ଉଡ଼ିଯାଇଥିବା ସରପଞ୍ଚ ପଞ୍ଚମୀ ମଣ୍ଡଳ କହିଛନ୍ତି। ଅପରପକ୍ଷେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିବାରୁ ମୁଗ ଓ ଡାଲୁଅ ଧାନ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିପରି ଆଳି ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ଯୋଗୁ ରାସ୍ତା ଅବରୋଧ ହୋଇଛି। ବିଶେଷ କରି ବ୍ଲକର ମାଣିକପାଟଣା ଓ ସିଙ୍ଗିରି ପଞ୍ଚାୟତ ଅଞ୍ଚଳରେ ବହୁ ଛପର ଘର ଉଡ଼ିଯାଇଛି। ଏଥିସହ କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା ଯୋଗୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି।



କାଳବୈଶାଖୀରେ ସୁନୀତି ପଞ୍ଚାୟତର ବେଣାବନ୍ଧା ଗ୍ରାମରେ ଆଜବେଷ୍ଟସ ଘର ଉଡ଼ିଯାଇଛି।

■ ବିଦୂର ମନ୍ଦିରର ବିଶେଷ ପରମ୍ପରା

# ଫଗୁଣ ଚତୁର୍ଦ୍ଦଶୀରେ ଭୋଗ ଲାଗେ ଶାଗ

ଡେରାବିଶ, ୨୦।୩ (ସ୍ୱ.ପ୍ର.)

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ବିଶେଷ ପର୍ବ ଭାବେ ଦୋଳ ଉତ୍ସବ ପାଳନ କରାଯାଏ। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତିରେ ଏହି ପର୍ବ ପାଳିତ ହୁଏ। ଦୋଳ ଚତୁର୍ଦ୍ଦଶୀ ତିଥିରେ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗ୍ରାମସ୍ଥିତ ଭକ୍ତ ବିଦୂରଙ୍କ ମନ୍ଦିରରେ ଶାଗ ଓ ଅନ୍ନପ୍ରସାଦ ଲାଗି ହେବାର ବିଶେଷ ପରମ୍ପରା ରହିଛି। ପ୍ରସିଦ୍ଧ ଓଳକଣା ମେଳଣ ପଡ଼ିଆ ନିକଟରେ ଥିବା ଏହି ମନ୍ଦିରରେ ଲାଗି ହେଉଥିବା ଶାଗ ଭୋଗକୁ ନେଇ ଅନେକ ଜନଶ୍ରୁତି ରହିଛି।

ଜନଶ୍ରୁତି ଅନୁସାରେ, ଦ୍ୱାପର ଯୁଗରେ ପାଣ୍ଡବ ପାଞ୍ଚ ଭାଇ ନିକଟସ୍ଥ ଡେରାଡିହ ଗ୍ରାମରେ ଅଜ୍ଞାତ ବାସରେ ରହିଥିବା ବେଳେ ଭକ୍ତ ବିଦୂର ଅରାଖଣ୍ଡ ଗ୍ରାମରେ ଏକ ଆଶ୍ରମ ସ୍ଥାପନ କରି ରହୁଥିଲେ। ପାଣ୍ଡବଙ୍କ ଅତି ଅନ୍ତରଙ୍ଗ ଥିବା ଭଗବାନ ଶ୍ରୀକୃଷ୍ଣ ଉକ୍ତ ଆଶ୍ରମରେ ପହଞ୍ଚିବା ପରେ ବିଦୂରଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇଥିଲେ। ଏଥିସହ ଶ୍ରୀକୃଷ୍ଣ ଆଶ୍ରମରେ ଶାଗ ଓ ଅନ୍ନ ଖାଇବା ପରେ ଫଗୁଣ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ଭେଟ ଦେଖିବାକୁ ବିଦୂର ବର ମାଗିଥିଲେ। ଶ୍ରୀକୃଷ୍ଣ ତାଙ୍କୁ ଏହି ବର ପ୍ରଦାନ କରିଥିଲେ। ତାହା ପରଠୁ ପ୍ରସିଦ୍ଧ ଓଳକଣା ମେଳଣରେ ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ଭେଟ ହୋଇଥାଏ। ଏହି ମିଳନ ଏକ ଅନନ୍ୟ ପରମ୍ପରା ଭାବେ ସମଗ୍ର ରାଜ୍ୟରେ ଖ୍ୟାତି ଲାଭ କରିଛି। ଏହି ମେଳଣ ପୂର୍ବରୁ ବିଦୂରଙ୍କ ମନ୍ଦିରରେ ଶାଗ ଓ ଅନ୍ନପ୍ରସାଦ ଲାଗି କରାଯାଏ। ଏଠାରେ ଶାଗ ଭୋଗ ଲାଗି କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି।




ମନ୍ଦିରରେ ଭୋଗ ଲାଗିବାକୁ ଆସିଥିବା ଶାଗ।

### ସେମାନେ ଯାହା କହନ୍ତି

“ ଭକ୍ତ ବିଦୂର ଓ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ପର୍କ ଅତି ନିବିଡ଼। ବିଦୂରଙ୍କ ଆଶ୍ରମରେ ଶାଗ ଓ ପଖାଳ ଗ୍ରହଣ କରିବା ପରେ ଶ୍ରୀକୃଷ୍ଣ ତାଙ୍କ ଉପରେ କୃପା କରିଥିଲେ। ଏହାକୁ ଆଧାର କରି ଚତୁର୍ଦ୍ଦଶୀରେ ଶାଗ ଭୋଗ ଲାଗି ହେଉଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ହୁଏ ଓ ବ୍ରାହ୍ମ ମୁହୂର୍ତ୍ତରୁ ଓଳକଣା ମେଳଣ ଆରମ୍ଭ ହୋଇଥାଏ। **-ମହନ୍ତ ଡା. ନାମାନନ୍ଦ ଦାସ, ଓଳାଶୁଣୀ ଗୁମ୍ଫା, ପଲେଇ**

“ ଭକ୍ତ ବିଦୂର ଆମର ଇଷ୍ଟଦେବ। ପ୍ରତ୍ୟେକ କାର୍ଯ୍ୟରେ ବିଦୂର ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତ ଶୁଭ କାର୍ଯ୍ୟ ଆରମ୍ଭ କରିଥାଉ। ଫଗୁଣ ଚତୁର୍ଦ୍ଦଶୀ ତିଥିରେ ଶାଗ ଭୋଗ ନୈବେଦ୍ୟ ପାଇଁ ଆମ ଅଞ୍ଚଳରେ ପ୍ରତ୍ୟେକ ପରିବାର ଯେପରି ଅପେକ୍ଷା କରିଥାନ୍ତି। ଏଥିସହ ବ୍ରାହ୍ମ ମୁହୂର୍ତ୍ତରେ ହରିହର ମିଳନର ଦୃଶ୍ୟ ଦେଖିବାକୁ ସମସ୍ତେ ଚାହିଁ ରହିଥାନ୍ତି।

***-ରାଜକିଶୋର ମଲ୍ଲ, ଅରାଖଣ୍ଡ, କେନ୍ଦ୍ରାପଡ଼ା***

“ ଆଳି ରାଜାଙ୍କ ଇଲାକାରେ ଥିବା ଭକ୍ତ ବିଦୂର ମନ୍ଦିର କାଳକ୍ରମେ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ପ୍ରତିଷ୍ଠା ଅର୍ଜନ କରିସାରିଛି। ପ୍ରତ୍ୟେକ ଦିନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଥିବା ବେଳେ ମେଳଣ ଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ***-କରୁଣାକର କର, ଡେରାବିଶ***

“ ଅତୀତରେ ବିଦୂର ମନ୍ଦିର ନିକଟରେ ଅନୁଷ୍ଠିତ ମେଳଣରେ ଆଳି ରାଜାଙ୍କ ସହ ରାଣୀ ଝୁଲଣରେ ବସି ହରିହର ମିଳନର ଦୃଶ୍ୟ ଦେଖୁଥିବା ଜନଶ୍ରୁତି ରହିଛି। ସେହିପରି ବିଦୂର ମନ୍ଦିରରେ ଭୋଗ ଲାଗୁଥିବା ଶାଗର ସ୍ୱାଦ ନିଆରା। ସେହି ଶାଗ ଭୋଗ ପାଇଁ ପୁଣି ବର୍ଷେ ଅପେକ୍ଷା କରିବାକୁ ପଡ଼େ।

***-ମକର ଚନ୍ଦ୍ର ପ୍ରଧାନ, ଓଳକଣା, କଟକ***

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୧ ମାର୍ଚ୍ଚ, ୨୦୧୯



ଯେ ଥରେ ତୁମକୁ ବିଶ୍ୱାସରେ ବିଷ ଦେଇଛି, ସେ ଯେ ଆଉଥରେ ନ ଦେବ ତା'ର ପ୍ରମାଣ କ'ଣ।
- ସେକ୍ସପିଅର



## ସଂକ୍ଷେପରେ

### ୨୭ରେ ପ୍ରସିଦ୍ଧ ରାଧାକୃଷ୍ଣଜୀଉଙ୍କ ମେଲଣ ଉତ୍ସବ

ଜେନାପୁର,୨୦।୩(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅଧୀନ ବାଘୁଆ ବ୍ରାହ୍ମନୀ ଦେବୀଙ୍କ ପୀଠ ବାଲିସାହି ମେଲଣ ପଡ଼ିଆରେ ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ୪୭ତମ ବାର୍ଷିକ ମେଲଣ ଉତ୍ସୋବ ପାଇଁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଲଣ କମିଟିର ସଭାପତି ବଟକୃଷ୍ଣ ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବାଲିସାହି, ମୁକୁନ୍ଦପୁର, ଶ୍ୟାମସୁନ୍ଦରପୁର, ଭେଜିଗୋଠ, ଗୋଡ଼ିପାଟିଆ, ମୁରାରୀ ପୁର, ଅଳସଗଣ୍ଡ, ଅଞ୍ଜୀରା, ବାଉଁଶଦୋଳ ଗ୍ରାମବାସୀ ସମେତ ବହୁ ଗ୍ରାମବାସୀ ବୃନ୍ଦ ବୈଠକରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୨୭ ତାରିଖରେ ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ପ୍ରସିଦ୍ଧ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ଏହି ସମୟରେ ଯଥାବିଧି ପାଳନ ନେଇ ଆଲୋଚିତ ହେବା ସହ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏଥିସହ ମଶ୍ୟାମସୁନ୍ଦର ପୁର, ମୁକୁନ୍ଦପୁର, ନିହଲ ପ୍ରସାଦ, ବାଲିପସି, ଶ୍ରୀବନ୍ତ ପୁର, ନରସିଂହ ପୁର, ନକପୋଲ, ଉତ୍ତର ଶାସନ, ଗୋପାଳପୁର, ଇଚ୍ଛାପୁର, ନିତ୍ୟାନନ୍ଦ ପୁର, ପଞ୍ଚାଗୋଛିଆ, ଗନ୍ଧନ, ବଣ୍ଟର ନଠୁଆବର, ବାଟିଜଙ୍ଗା, ବୋଉଳମାଳ, ଲୁଣିବର, କୃଷ୍ଣପଶି, ଅଭୟପୁର ଆଦି ବିଭିନ୍ନ ଅଞ୍ଚଳର ବିମାନଗୁଡିକୁ ସୁସଜ୍ଜିତ କରାଯିବ। ମେଲଣ ସମୟରେ ବାଡି ଖେଳ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଅକ୍ଷୟ ପ୍ରଧାନ, ପାଣ୍ଡବଚରଣ ବେହେରା, ରଘୁନାଥ ପ୍ରଧାନ, ବାଇଧର ସାହୁ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

### ସିଂହପୁରରେ କାଳବୈଶାଖୀ

ସିଂହପୁର,୨୦।୩(ଡି.ଏନ୍.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖାଦେଇଥିଲା। କାଳବୈଶାଖୀ ଯୋଗୁ କେତେକ ଗଛ ଭାଙ୍ଗିବା ସହ ଚାଳ ଛପର ଉଡ଼ିଯାଇଥିବା ସୂଚନା ମିଳିଛି। ଏହା ପ୍ରଭାବରେ ବିଦ୍ୟୁତ୍ ସରବରାହ ଦିନ ୩ଟାରୁ ରାତି ପର୍ଯ୍ୟନ୍ତ ବନ୍ଦ ହୋଇଯାଇଛି। ହଠାତ୍ କାଳବୈଶାଖୀ ଆସି କୁଆପଥର ମାଡ ହେବାରୁ ପନିପରିବା ଚାଷ ଓ ବିରି ଫସଲ କ୍ଷତି ହୋଇଥିବା ଚାଷୀ କହିଛନ୍ତି। ଅଳ୍ପ ବର୍ଷାରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ସିଂହପୁର ବଜାରର ପ୍ରବେଶ ପଥ, କାଳୀ ପଡିଆ, ହାଇସ୍କୁଲ ରାସ୍ତାରେ ବର୍ଷାପାଣି ଜମି ରହିଥିବା ଦେଖାଯାଇଛି।

### ଖରିପଡ଼ିଆରେ ସତ୍‌ସଙ୍ଗ ସଭା

ଧର୍ମଶାଳା,୨୦।୩(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଖରିପଡ଼ିଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଆଧାତ୍ମିକ ସଚେତନତା ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତିକ କ୍ରିୟା ଯୋଗ କମିଟିର ଅଧକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଯୋଗଦେଇ ବର୍ତ୍ତମାନ ସମୟରେ ସମାଜରେ ଦେଖାଦେଇଥିବା ବିଶୃଙ୍ଖଳା ଓ ଅଚରଣ ଉଚ୍ଚାରଣରେ ସମତା ରହୁ ନ ଥିବା ଦର୍ଶାଇଥିଲେ। ଆଧାତ୍ମିକ ଚେତନା ମଣିଷ ମନରୁ ଅପସରୀ ଯିବା ଫଳରେ ମାନସିକ ଶାନ୍ତି ମିଳୁ ନାହିଁ। ପୁରାଣ, ଭାଗବତ ପ୍ରଭୃତି ଗ୍ରନ୍ଥମାନଙ୍କରୁ ବହୁ ଦୃଷ୍ଟାନ୍ତ ଦେଇ ତଥା ନିଜର ବ୍ୟକ୍ତିଗତ ଅନୁଭୂତି ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହିତ ସତମାର୍ଗରେ ଚାଲିବା ଓ ଗୋ ପୂଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ସତ୍‌ସଙ୍ଗ ସଭାରେ ଜ୍ଞାନାନ୍ଦ ମହାରାଜ ପୌରହିତ୍ୟ କରିଥିବାବେଳେ କଳିଙ୍ଗ କେଶରୀ ମିଶ୍ର ପରିଚାଳନା କରିଥିଲେ।

# ଟିକେଟକୁ ନେଇ କଳ୍ପନାଜଳ୍ପନା

ରସୁଲପୁର,୨୦।୩(ଡିଏନଏ)

ରସୁଲପୁର ବ୍ଲକରୁ କୋରେଇ ନିର୍ବାଚନ ମଣ୍ଡଳୀରେ ୯ଟି ପଞ୍ଚାୟତ ସାମିଲ ହୋଇଛି। ବିଧାୟକ ଆକାଶ ଦାସନାୟକ ସେମାନଙ୍କ ସମର୍ଥକଙ୍କୁ ନେଇ ଶୁକ୍ରବାର ଏକ ସମ୍ମିଳନୀର ଆୟୋଜନ କରିଥିଲେ। ଏଠାରେ ବିଧାୟକଙ୍କ ଟିକେଟକୁ ନେଇ ସମର୍ଥକ ମନରେ ଥିବା ଶଙ୍କା ଓ ଅସନ୍ତୋଷ ସ୍ପଷ୍ଟ ବାରିହୋଇ ପଡୁଥିଲା। ଏଥି ପୂର୍ବରୁ ବ୍ୟାସନଗର ପୌରପରିଷଦରେ ଆୟୋଜିତ ସମ୍ମିଳନୀରେ ସମର୍ଥକଙ୍କ ମନରେ ସମାନ ପ୍ରଶ୍ନ ଆସିଥିଲା। ବିଧାୟକଙ୍କୁ ଟିକେଟ ନ ମିଳିଲେ ସମର୍ଥକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଟିକେଟକୁ ନେଇ ସମର୍ଥକଙ୍କ ମଧ୍ୟରେ ରହିଆସୁଥିବା ସଂଶୟକୁ ବିଧାୟକ ଦୂର କରିବା ପାଇଁ ପ୍ରୟାସ କରିଥିଲେ। ତାଙ୍କୁ ଟିକେଟ ନିଶ୍ଚୟ ମିଳିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହା ସତ୍ତ୍ୱେ ବିଧାୟକ ଟିକେଟକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି।

୨୦୧୪ ସାଧାରଣ ନିର୍ବାଚନରେ ବିଧାୟକ ପ୍ରୀତିରଞ୍ଜନ ଘଡେଇ (ଡାନି)ଙ୍କୁ କୋରେଇ ବଦଳରେ ପଡୋଶୀ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ପାଇଁ ଟିକେଟ ମିଳିଥିଲା। କୋରେଇ ନିର୍ବାଚନ ମଣ୍ଡଳୀର ଟିକେଟ ଆକାଶଙ୍କୁ ଉପହାର ସ୍ୱରୂପ ମିଳିଥିଲା। ମାତ୍ର ସେ ବିଧାୟକ ହେବା ପରେ ତାଙ୍କ ସାଂଗଠନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯାହାର ପ୍ରଭାବ ୨୦୧୭ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଥିଲା। ଏହି ନିର୍ବାଚନ ମଣ୍ଡଳୀ ଅଧୀନ କୋରେଇ ବ୍ଲକରେ ୨୮ଟି ପଞ୍ଚାୟତ ରହିଛି। ରସୁଲପୁର ବ୍ଲକରୁ ୯ଟି ଓ ବ୍ୟାସନଗର ପୌରପରିଷଦକୁ ନେଇ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ହୋଇଛି। କୋରେଇ ବ୍ଲକରେ ଆକାଶଙ୍କ ସମର୍ଥିତ ୧୩ ପଞ୍ଚାୟତରେ ସରପଞ୍ଚ ଓ ୧୧ ପଞ୍ଚାୟତରେ ସମିତିସଭ୍ୟ ବିଜୟ ଲାଭ କରିଥିବା ବେଳେ ୧୫ ପଞ୍ଚାୟତର ସରପଞ୍ଚ ଓ ୧୭ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ହାରି ଯାଇଥିଲେ। ସେତେବେଳେ କଂଗ୍ରେସର ନେତୃତ୍ୱ ନେଉଥିବା ଯୁବନେତା ବିଶ୍ୱଜିତ୍ ନାୟକ ପଞ୍ଚାୟତ ସମିତି ଦଖଲ କରିଥିଲେ। ପରେ ମିଶ୍ରଣ ପର୍ବରେ ବିଶ୍ୱଜିତ ଭାଜପାରେ ସାମିଲ ହୋଇଥିଲେ। ହେଲେ ଏବେ ବି ସମିତି ତାଙ୍କ ଦଖଲରେ ରହିଛି। ଏଥିସହ ରସୁଲପୁର ବ୍ଲକର ୯ ପଞ୍ଚାୟତରୁ ୬ଟିରେ ବିଧାୟକଙ୍କ ସମର୍ଥକ ଜିତିଥିଲେ। ମାତ୍ର ସେଥିରୁ ସେ ଫାଇଦା ନେବାରେ ବିଫଳ ହୋଇଥିଲେ। ଏହି ବ୍ଲକରେ ପ୍ରଣବ ବଳବନ୍ତରାୟଙ୍କ ସମର୍ଥକ ଅଧକ୍ଷା ପଦ ହାତେଇଥିବା ବେଳେ ଡାନିଙ୍କ ସମର୍ଥକ ଉପାଧକ୍ଷ ପଦବୀରେ ଆସୀନ ହୋଇଥିଲେ। ଆକାଶଙ୍କ ହାତରୁ ସୁଯୋଗ ହାତଛଡା ହୋଇଯାଇଥିଲା। ସେହିପରି ବ୍ୟାସନଗର ପୌରପରିଷଦରେ ବିଜେଡିର ଗୋଷ୍ଠୀକନ୍ଦଳ ରୋଚକ ସ୍ଥିତିରେ ପହଞ୍ଚିଥିଲା। ଏହାର ସୁପରିଚାଳନାଗତ ତ୍ରୁଟି ଯୋଗୁ ପୌରପରିଷଦ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଥିଲା। ଏ ସବୁ ଘଟଣା ବିଧାୟକଙ୍କ ପାଇଁ କାଳ ହେବ ବୋଲି କୁହାଯାଉଛି । ସାଂଗଠନିକ ଦକ୍ଷତାର ଦୁର୍ବଳତାକୁ ଦଳ ମାପକାଠି କରିବାକୁ ଚିନ୍ତା କରୁଛି । ଏହି ଆଧାରରେ ଆକାଶଙ୍କ ଟିକେଟ କଟିବାକୁ ଦଳ ଚିନ୍ତା କରୁଥାଇପାରେ ବୋଲି ଚର୍ଚ୍ଚା ହେଉଛି । ଏହାଛଡ଼ା ନିର୍ବାଚନ ମଣ୍ଡଳୀର ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ, ସ୍ୱର୍ଗତ ଅଶୋକ ଦାସଙ୍କୁ ଭୋଟର ଏକାଧିକ ଥର ବିଧାୟକ ହେବାର ସୁଯୋଗ ଦେଇଛନ୍ତି। ତାଙ୍କୁ ଛାଡିଦେଲେ ପ୍ରଫୁଲ୍ଲ ଘଡେଇ, ଚିତ୍ତରଞ୍ଜନ ନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସଞ୍ଚିତା ମହାନ୍ତି, ଡାନି ପ୍ରମୁଖ ଥରେ ଲେଖାଏ ବିଧାୟକ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରୀତିରଞ୍ଜନଙ୍କୁ ଛାଡିଦେଲେ ଅନ୍ୟମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ହେଁ ଜନତାଙ୍କ ସମର୍ଥନ ହାତେଇବାରେ ବିଫଳ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନରେ କୋରେଇ ପାଇଁ ଡାନିଙ୍କୁ ଟିକେଟ ମିଳି ନ ଥିଲା। ଏନେଇ ନିର୍ବାଚନ ପୂର୍ବରୁ ପ୍ରଚାର ବି ହେଉଥିଲା। ସେତେବେଳେ ଡାନି ବି କର୍ମୀଙ୍କୁ ନେଇ ସମାବେଶ କରିଥିଲେ। ମାତ୍ର ଶେଷରେ ଟିକେଟରୁ ବଞ୍ଚିତ ହୋଇଥିଲେ। ତାଙ୍କ ବଦଳରେ ଆକାଶ ଦାସନାୟକଙ୍କୁ ଟିକେଟ ମିଳିଥିଲା। ଏବେ ନିର୍ବାଚନ ମଣ୍ଡଳୀରେ ସାମନ ସ୍ଥିତି ଉପୁଜିଛି। ବିଧାୟକ ଦାସନାୟକଙ୍କ ଟିକେଟ କଟିବାକୁ ନେଇ ସମାନ ସ୍ଥିତି ଉପୁଜିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରୁଛନ୍ତି। ଦଳ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ଟିକେଟ ଦେଇପାରେ ବୋଲି ଆଲୋଚନା ହେଉଛି। ଏହାଛଡା ଏହି ନିର୍ବାଚନ ମଣ୍ଡଳୀର ରାଜନୈତିକ ଘଟଣାକ୍ରମକୁ ଲକ୍ଷ୍ୟ କଲେ ବିଧାୟକଙ୍କୁ ହଟାଇବା ପାଇଁ ପଞ୍ଚାୟତ ନିର୍ବାଚନ ସମୟରୁ ପ୍ରୟାସ ଆରମ୍ଭ ହୋଇଛି। ଏଭଳି ପ୍ରୟାସ ଦଳ ଭିତରୁ ଆରମ୍ଭ ହୋଇଛି। ଦଳରେ ଦିନକୁ ଦିନ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ବିଜେଡି କର୍ମୀ ୪ ଗୋଷ୍ଠୀରେ ବିଭାଜିତ ହୋଇଛନ୍ତି। ଏ ସବୁ ଗୋଷ୍ଠୀ ଆଳରେ ନିଜର ସମର୍ଥକଙ୍କୁ ଡାନି, ପ୍ରଣବ ପ୍ରକାଶ ଦାସ, ଆକାଶ ଦାସନାୟକ ଓ ବିଜେଡି ନେତା ଅଶୋକ ବଳ ପୃଥକ ପୃଥକ ଭାବେ ପରିଚାଳନା କରୁଥିବା କୁହାଯାଉଛି। ଦଳର ଗୋଷ୍ଠୀ ବିଭାଜନ ବିରୋଧୀଙ୍କ ପାଇଁ ଅନୁକୂଳ ସ୍ଥିତ ସୃଷ୍ଟି କରୁଛି। ଟିକେଟ ପରିବର୍ତ୍ତନ ନ କଲେ କାଳେ ଏହି ଆସନଟି ଦଳ ହାତରୁ ଖସିଯିବ ସେ ଭୟ ମୁଖିଆଙ୍କୁ ଘାରିଛି। ତେବେ ଏ ସମ୍ପର୍କରେ ବିଧାୟକ ଆକାଶ ଦାସନାୟକଙ୍କୁ ପଚାରିବାରୁ, ସେ ଟିକେଟ ନିଶ୍ଚିତ ପାଇବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଟିକେଟ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନବୀନ ପଟ୍ଟନାୟକ ତାଙ୍କୁ ପୁଅ ଭଳି ଦେଖନ୍ତି ଏବଂ ତାଙ୍କ ଉପରେ ସେ ଭରସା କରିଛନ୍ତି ବୋଲି ଆକାଶ ପ୍ରକାଶ କରିଛନ୍ତି।



**କୋରେଇ ନିର୍ବାଚନ ମଣ୍ଡଳୀ**
- ଇତିହାସ ପୁନରାବୃତ୍ତି ଘଟିବା ଆଶଙ୍କା
- ଆକାଶଙ୍କ ଟିକେଟ କଟିବା ନେଇ ଚର୍ଚ୍ଚା
- ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ






୧ – ଯାଜପୁର ରୋଡସ୍ଥିତ ହୋଟେଲ ରୟାଲ କଳିଙ୍ଗଠାରେ ବୁଧବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ମଞ୍ଚାସୀନ ଧରିତ୍ରୀ ଓ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ (ମଝି), ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା (ବାମ) ଓ ବରିଷ୍ଠ ନାଗରିକ ମଞ୍ଚ ସଭାପତି ହେମନ୍ତ କୁମାର ସାହୁ। ୨ – ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀ।

### ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, ୨୦।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ବୁଧବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହିଶରା ପଞ୍ଚାୟତର ରମେଶ ଜେନା, ବିକାଶ ନାୟକ, ବାପି ବିଶ୍ୱାଳ, ସନ୍ତୋଷ ନାୟକ, ବୈତାରୀ ସେଠୀ, ଆଶିଷ ନାୟକଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଯୁବକ ଅନ୍ୟଦଳ ଛାଡି ବିଜେଡିରେ ଯୋଗଦେଇଥିଲେ। ସେମାନଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଫୁଲତୋଡା ସହ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜଳଧର ମହାନ୍ତି, ପ୍ରିୟନାଥ ମହାପାତ୍ର ନିରଞ୍ଜନ ରାଉତ, ସଂଗ୍ରାମ କେଶରୀ ଜେନା ପ୍ରମୁଖ ସମସ୍ତ କର୍ମୀଙ୍କୁ ସ୍ୱାଗତ କରିଥିଲେ।

■ ଗୋଚର ଜମିରେ ବେଆଇନ ଅଙ୍ଗନୱାଡି ଗୃହ ନିର୍ମାଣ

# ବିରୋଧ କଲେ ଗ୍ରାମବାସୀ

ଚଣ୍ଡିଖୋଲ,୨୦।୩(ଡି.ଏନ.ଏ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ଚାଉଳଥଳି ଗ୍ରାମରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ୟୟବରାଦ କରାଯାଇଥିଲା। ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ଥାନ ନିରୂପଣ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଗୋଚର ଜମି ଉପରେ ବେଆଇନ ଭାବେ ନିର୍ମାଣ କରାଯାଉଥିବାରୁ ଗ୍ରାମବସୀ ବିରୋଧ କରିଛନ୍ତି। ଏ ନେଇ ସୋମବାର ବଡ଼ଚଣା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକର କନିଷ୍ଠ ଯନ୍ତ୍ରୀ ସନ୍ତୋଷୀ ପଣ୍ଡାଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ଏହି କାର୍ଯ୍ୟ ଜାରି ରହିଛି। ଚାଉଳଥଳି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଥିବା ବାଉଁଶଗାଡିଆ ଓ ହରିଚନ୍ଦନପୁର ମୌଜାର ପିଲାମାନେ ଏହି ଅଙ୍ଗନୱାଡିରେ ପଢିବା ପାଇଁ ନିୟମ ରହିଛି। ଗୋଚର କିସମ ଜମି ଉପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଏହାର କିସମ ପରିବର୍ତ୍ତନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା କଥା। ହେଲେ ଏପରି କରା ନ ଯାଇ ଚାଉଳଥଳି ମୌଜାର ଖାତା ନଂ. ୧୪୩, ପ୍ଲଟ ନଂ. ୨୨୩ କିସମ ଗୋଚରକୁ ଡିରିଜର୍ଭ କରିବା ଉଦ୍ଦେଶ୍ୟରେ ୨୦୧୬ରେ ସ୍ଥାନୀୟ ଦର୍ପଣ ତହସିଲରେ ଆବେଦନ କରାଯାଇଥିଲା। ସ୍ଥାନୀୟ ଖଇରା ସର୍କଲ ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରି ସମ୍ପୃକ୍ତ ଜମି ଗୋଚର କିସମ ଅଛି ବୋଲି ଏକ ରିପୋର୍ଟ ପ୍ରସ୍ତୁତ କରି ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଅଦ୍ୟାବଧି କିସମ ପରିବର୍ତ୍ତନ ହୋଇ ନ ଥିବାବେଳେ ସମ୍ପୃକ୍ତ ମୌଜାରେ ଘର କରା ନ ଯାଇ ହରିଚନ୍ଦନପୁର ମୌଜାର ଖାତା ନଂ ୭୭, ପ୍ଲଟ ନଂ. ୬୮ କିସମ ଗୋଚର ଉପରେ ଘର ନିର୍ମାଣ କରାଯାଉଛି। ନିର୍ମାଣ କରାଯାଉଥିବା ସ୍ଥାନ ଗ୍ରାମର ଗୃହପାଳିତ ପଶୁଙ୍କ ଚରାଭୂଇଁ ହୋଇଥିବାରୁ ସେମାନଙ୍କ ପାଇଁ ବାଧକ ସୃଷ୍ଟି ହେବ। ଏଥିସହ ଗୋଚର ଜମିରେ କୌଣସି ସରକାରୀ ଗୃହ ନିର୍ମାଣ ହୋଇପାରିବ ନାହିଁ ବୋଲି ନିୟମ ଥିବାବେଳେ କିପରି ଭାବରେ ଏଠାରେ ନିର୍ମାଣ କାର୍ଯ୍ୟ କରାଯାଉଛି, ସେ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଗ୍ରାମବାସୀଙ୍କ ତରଫରୁ ପ୍ରଦୀପ୍ତ ରାଉତ, ଅଜୟକୃଷ୍ଣ ରାଉତ, ତନ୍ମୟ ରାଉତ, ମଧୁସୂଦନ ରାଉତ, ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, ବଟକୃଷ୍ଣ ରାଉତ, ବିଦ୍ୟାଧର ଦେହୁରୀ ପ୍ରମୁଖ ଏକ ଲିଖିତ ଅଭିଯୋଗ ଆରଡିସି କଟକ, ଜିଲାପାଳ ଯାଜପୁର, ଦର୍ପଣ ତହସିଲଦାର ଏବଂ ବଡ଼ଚଣା ବିଡିଓଙ୍କ ନିକଟକୁ ପ୍ରେରଣ କରାଯାଇଛି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ବାଧ୍ୟ ହୋଇ ନ୍ୟାୟାଳୟର ଆଶ୍ରୟ ନେବା ସହ ବେଆଇନଭାବେ ଖର୍ଚ୍ଚ ହୋଇଥିବା ଅର୍ଥରାଶିକୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଅସୁଲ କରାଯିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ, ଜମି କିସମ ପରିବର୍ତ୍ତନ ପାଇଁ ତହସିଲରେ ଆବେଦନ କରାଯାଇଛି। ଖୁବ୍‌ଶୀଘ୍ର ପରିବର୍ତ୍ତନ ହୋଇ ଆସିବ। ତେଣୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି କହିଥିଲେ।

### ଜାରକାରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଦାବି

ଧର୍ମଶାଳା,୨୦।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାଠାରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ଧର୍ମଶାଳା ଉନ୍ନୟନ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜାରକା ବିଜୁ ଗ୍ରାମୀଣ ବଜାରଠାରେ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ବୈଠକରେ ଧର୍ମଶାଳା ମହୋତ୍ସବ କମିଟି, ବଡ ବଜାର ବ୍ୟବସାୟୀ ସଂଘ, ମେନ ମାର୍କେଟ ବଣିକ ସଂଘ, ହନୁମାନ ବଜାର କମିଟି, ଜେମାଶୁଣୀ ବଜାର କମିଟି, ବିରଜା ମାର୍କେଟ କମ୍ପ୍ଲେକ୍ସ, ଲକ୍ଷ୍ମୀ ବଜାର କମିଟି, ଗଣେଶ ପୂଜା କମିଟି, ଶାନ୍ତି ବଜାର କମିଟିର କର୍ମକର୍ତ୍ତା ଉପସ୍ଥିତି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ସମେତ ହରିଦାସପୁର, କାଏମା, ଅଭୟପୁର, ଜାରକା, ଚୋରମୁହାଁ, କୁମାରୀ ଆଦି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତି ଥିଲେ। ଧର୍ମଶାଳାର ଜନସାଧାରଣଙ୍କ ଯାତାୟତ ପାଇଁ ଫ୍ଲାଏ ଓଭର ବ୍ରିଜ୍ ନିତ୍ୟାନ୍ତ ଆବଶ୍ୟକତା ଦୃଷ୍ଟିରୁ ସଂଗ୍ରାମ ଓ ଆନ୍ଦୋଳନର ଆବଶ୍ୟକତା ରହିଥିବା କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜାରକାକୁ ଗୁରୁତ୍ୱ ଦେଉ ନ ଥିବାରୁ ଏହା ବରୋଧରେ ଆସନ୍ତା ୨୮ ତାରିଖରେ ଧର୍ମଶାଳା ବନ୍ଦ ଡାକରା ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ନେଇ ବୁଧବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ କମିଟି ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ଅଖିଳ କୁମାର ସ୍ୱାଇଁ, ସତ୍ୟପ୍ରିୟ ମହାନ୍ତି, ଅଜୟ ନାୟକ, ସିଦ୍ଧାର୍ଥ ମହାନ୍ତି, ନୃସିଂହ ଚରଣ ମିଶ୍ର, ଅମରେନ୍ଦ୍ର ରାଉତ, ବିଚିତ୍ର ସ୍ୱାଇଁ, ଦିଲୀପ କୁମାର ଜେନା, ବିକାଶ ବେହେରା, ଅଶୋକ ବରାଳ, ସରପଞ୍ଚ ଶ୍ୟାମସୁନ୍ଦର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**୨୮ରେ ଧର୍ମଶାଳା ବନ୍ଦ ଡାକରା ନିଷ୍ପତ୍ତି**

### ବେବର୍ତ୍ତାଦାଣ୍ଡ ମେଳଣ ଉଦ୍‌ଯାପିତ

ଚଣ୍ଡିଖୋଲ,୨୦।୩(ଡି.ଏନ.ଏ.)



ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଗ୍ରାମର ବେବର୍ତ୍ତାଦାଣ୍ଡ ମେଳଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବହୁ ପୁରାତନ କାଳରୁ ଏହି ମେଳଣ ହୋଇଆସୁଛି। ୧୫ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂର୍ବାହ୍ନରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ବେବର୍ତ୍ତା ବିମାନ ଥାନପତି ଭାବେ ପ୍ରଥମେ ମେଳଣରେ ଉପବେଶନ କରିଥିଲେ। ପରେ ଲଳିତଗିରି ଗ୍ରାମର ମିଶ୍ର ଘର ବିମାନ, ଓଳାଶୁଣୀ ଗୁମ୍ଫା, ମହାରଣା ବିମାନ, ପୁରୁଷୋତ୍ତମପୁର ଗ୍ରାମର ଗୋବିନ୍ଦଜୀଉ ଓ ଗୋପୀନାଥଙ୍କ ମଠରୁ ଆସୁଥିବା ବିମାନ, ତାଳଗିରି, ପାଇକରାପୁର ବିମାନ ସମେତ ଅନ୍ୟ ବିମାନଗୁଡିକ କ୍ରମାନ୍ୱୟରେ ବାଜା, ବାଣ, ସଂକୀର୍ତ୍ତନରେ ଶୋଭାଯାତ୍ରା କରି ମେଳଣକୁ ପ୍ରବେଶ କରିଥିଲେ । ବ୍ରଜ ବଲ୍ଲଭ ଦାସ, ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ନୀରୋଦ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ତ୍ରିପାଠୀ, ବସନ୍ତ ଦାସ, ପ୍ରମୋଦ ଦାସ, ହେମନ୍ତ ପାତ୍ର, ଶରତ ଦାସ, ବ୍ରଜ କିଶୋର ଦାସ, ପର୍ଶୁରାମ ଦାସ ପ୍ରମୁଖଙ୍କ ସମେତ ଲଳିତଗିରି ଓ ରାହାଡଗିରି ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ପୋତି ହୋଇଗଲାଣି ୨୦୦ରୁ ଉର୍ଦ୍ଧ୍ୱ ପୋଖରୀ

ଯାଜପୁରରୋଡ,୨୦।୩(ନି.ପ୍ର.)

ପୂର୍ବକାଳରେ ରାଜା, ଜମିଦାର ଓ ଧର୍ମାତ୍ମାମାନେ ଲୋକଙ୍କ ତୃଷା ମେଣ୍ଟାଇବା ପାଇଁ ଜନବହୁଳ ଅଞ୍ଚଳ ଓ ରାସ୍ତାକଡରେ ପୋଖରୀ ଖୋଳୁଥିଲେ। ହେଲେ ଏବେ ପୋଖରୀ ସଫା କରାଯାଉ ନ ଥିବାରୁ ଗଭୀରତା କ୍ରମଶଃ ହ୍ରାସ ପାଉଛି। ଅନେକ ପୋଖରୀ ପୋତାଯାଇ ଘର, ବାଡି ବଗିଚା, ସ୍କୁଲ ଓ କଲେଜ ନିର୍ମାଣ କରାଯାଉଛି। କୋରେଇ ବ୍ଲକରେ ପ୍ରାୟ ୯୫୦ରୁ ଉର୍ଦ୍ଧ୍ୱ ପୋଖରୀ ପଞ୍ଚାୟତ ଓ ତହସିଲ ଅଧୀନରେ ରହିଛି। ସେଥିମଧ୍ୟରୁ ୨୦୦ରୁ ଉର୍ଦ୍ଧ୍ୱ ପୋଖରୀ ପୋତି ହୋଇଯାଇଥିଲା ବେଳେ ୧୦ରୁ ଉର୍ଦ୍ଧ୍ୱ ପୋଖରୀ ନିଶ୍ଚିହ୍ନ ହୋଇଗଲାଣି। ପୋଖରୀ ଖୋଳିବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଆସୁଥିବା କୋଟି କୋଟି ଟଙ୍କା ବ୍ଲକକୁ ଆସି ଫେରିଯାଉଛି। ଏଥିସହ ଅନେକ ପୋଖରୀ ଖନନ କରା ନ ଯାଇ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା ହେଉଛି। ଶ୍ରମିକଙ୍କ ନାଁରେ ମିଥ୍ୟା ବିଲ୍ କରି ସରପଞ୍ଚ, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଅର୍ଥ ଲୁଟ୍ କରୁଥିବା ଜଣାପଡ଼ିଛି। ଏପରି କି ଅନେକ ଶ୍ରମିକ କାର୍ଯ୍ୟ କରିଥିଲେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ମିଳୁନାହିଁ। କୋରେଇ ବ୍ଲକରେ ବେଆଇନ ଭାବେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପୋଖରୀ ଖନନ କରାଯାଇ ଅର୍ଥ ଲୁଟ୍ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ଭିଜିଲାନ୍ସ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବ୍ଲକ କଲୋନୀଠାରୁ ୨୦୦ମିଟର ଦୂରରେ ଥିବା ବଟିରା ଗ୍ରାମର ନୂଆ ପୋଖରୀ ପୋତି ହୋଇଗଲାଣି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ପୋଖରୀ ଖନନ ପାଇଁ ଟଙ୍କା ମଞ୍ଜୁର କରାଯାଉନାହିଁ। ସେହିପରି ହଳଦୀ ଗଡିଆ, ଶାଳକଣା, ଖସା ଗଡିଆ, ପଣ୍ଡୁଲା ଆଦି ବହୁ ପୁରୁଣା ପୋଖରୀ ପୋତି ହୋଇପଡ଼ିଛି। ସରପଞ୍ଚମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆସୁଥିବା ଅର୍ଥକୁ ହରିଲୁଟ୍ କରିବା ପାଇଁ ବର୍ଷା ଋତୁର ଏକ ମାସ ପୂର୍ବରୁ କାଁଭାଁ ଖୋଳି ଶ୍ରମିକଙ୍କୁ ବିଜୁ ପକ୍କାଘର, ପଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଦେବା ପାଇଁ ସେମାନଙ୍କଠାରୁ ସାଦା କାଗଜରେ ଦସ୍ତଖତ ଓ ଲେବର କାର୍ଡ ଆଦି ନେଇଯାଉଛନ୍ତି। ବ୍ଲକର କନିଷ୍ଠ ଯନ୍ତ୍ରୀ, ଜିଆରଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସଲାସୁତୁରାରେ ଏଭଳି ହେଉଥିବା ଅଭିଯୋଗ ହୋଇଛି। ୨୦ନଂ. ଜାତୀୟ ରାଜପଥ କାର୍ଯ୍ୟ ସମୟରେ ଠିକାଦାର ତାହାରପୁର, ଜହ୍ନା, ଧନେଶ୍ୱର, ତଳଗଡ଼ ପ୍ରଭୃତି ପଞ୍ଚାୟତ ପୋଖରୀଗୁଡିକ ଖୋଳି ମାଟି ନେଇ ରାସ୍ତା ନିର୍ମାଣ କରୁଥିଲେ। ତାହାରପୁର ପଞ୍ଚାୟତ ମଙ୍ଗରାଜ ମଲ୍ଲିକ କୁହନ୍ତି, ଏଠାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ ହୋଇନାହିଁ। ରାଜପଥ ନିର୍ମାଣ ପାଇଁ ଠିକା ନେଇଥିବା ଗାୟତ୍ରୀ କମ୍ପାନୀ ପୋଖରୀଗୁଡିକ ଖୋଳି ମାଟି ନେଇଥିଲା। ଏ ନେଇ ବ୍ଲକ ଅଫିସ ସମ୍ମୁଖରେ ଧାରଣା ମଧ୍ୟ ଦିଆଯାଇଥିଲା। ତତ୍କାଳୀନ ବିଡିଓ ବିଭିନ୍ନ ଆଳ ଦେଖାଇ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାମଧ୍ୟରେ ୨ ଜଣ ବିଡିଓ ଗଲେଣି, କିନ୍ତୁ ତଦନ୍ତ କରାଯାଇନାହିଁ। ଏ ସମ୍ପର୍କରେ ତହସିଲଦାର ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ୧୫ଦିନ ହେବ ବିଡିଓ ଦାୟିତ୍ୱରେ ଅଛନ୍ତି। ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥିଲେ।

**କୋରେଇ ବ୍ଲକ**
- ପଞ୍ଚାୟତ ଓ ତହସିଲ ଅଧୀନରେ ରହିଛି ୯୫୦ରୁ ଉର୍ଦ୍ଧ୍ୱ ପୋଖରୀ
- କାମରେ ଲାଗୁନି ଯୋଜନାରେ ଆସୁଥିବା ଟଙ୍କା
- ଶ୍ରମିକଙ୍କ ନାଁରେ ମିଥ୍ୟା ବିଲ୍ କରି ଅର୍ଥ ଲୁଟ୍ ଅଭିଯୋଗ

# ବ୍ଲଡ୍ ବ୍ୟାଙ୍କରେ ତାଲା: ଗୁରୁତର ରୋଗୀ କଟକ ସ୍ଥାନାନ୍ତରେ

**ଜଗତ୍‌ସିଂହପୁର ଅଫିସ,୨୦।୩**

ବୁଧବାର ସନ୍ଧ୍ୟାରୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ବ୍ଲଡ ବ୍ୟାଙ୍କରେ ତାଲା ଝୁଲୁଛି। ଏନେଇ ୩ଜଣ ରୋଗୀ ଖବର ଲେଖାହେବା ପର୍ଯ୍ୟନ୍ତ ରକ୍ତ ନ ପାଇ କଟକ ସ୍ଥାନାନ୍ତର ହୋଇଛନ୍ତି। ସେମାନେ ହେଲେ ଜଅଁକଟିର ସୁଶାନ୍ତ ବଳ, ବେଳୁପୁର ପ୍ରଶାନ୍ତ ଜେନା ଓ କୁଜଙ୍ଗ ଅଞ୍ଚଳର ଦୀପ୍ତି ସେନାପତି। ଏହି ରୋଗୀଙ୍କୁ ବି (ନେଗେଟିଭ୍) ଓ (ପଜିଟିଭ୍) ରକ୍ତ ଆବଶ୍ୟକ ଥିଲା। କିନ୍ତୁ ବ୍ଲଡ ବ୍ୟାଙ୍କରେ ତାଲା ଝୁଲୁଥିବାରୁ ରକ୍ତ ମିଳିପାରି ନ ଥିଲା। ଯେଉଁଥି ପାଇଁ ଡାକ୍ତର ସେମାନଙ୍କୁ କଟକ ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିଲେ। ରାତିରେ ଯେବେ ଦୁର୍ଘଟଣା କିମ୍ବା କୌଣସି କାରଣରୁ ଗୁରୁତର ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚନ୍ତି ତେବେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ ହୋଇଛି। ବ୍ଲଡ ବ୍ୟାଙ୍କରେ ତାଲା ଝୁଲୁଥିବା ପ୍ରସଙ୍ଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ଲଡ ବ୍ୟାଙ୍କ ଅଧିକାରୀ ସନ୍ତୋଷ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।






## ମହିଳାଙ୍କ ବେକରେ କଟୁରି ଲଗାଇ ଚେନ୍ ଲୁଟିଲେ ଦୁର୍ବୃତ୍ତ

**ପାରାଦୀପ,୨୦।୩(ସ୍ୱ.ପ୍ର.)**

ପାରାଦୀପ ମଡେଲ ପୋଲିସ ଥାନା ଅନ୍ତର୍ଗତ ମଧୁବନ ଅଟାକଳ ପାଖରେ ବୁଧବାର ସନ୍ଧ୍ୟାରେ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରେ କଟୁରି ଲଗାଇ ଚେନ୍ ଲୁଟ୍ କରିଛନ୍ତି। ସୌଭାଗ୍ୟ ବଶତଃ ମହିଳା ଜଣକ ଇମିଟେସନ୍ ଚେନ୍ ପିନ୍ଧିଥିବାରୁ ବଡ଼ଧରଣର କ୍ଷତିରୁ ବର୍ତ୍ତି ଯାଇଛନ୍ତି। କିନ୍ତୁ ତାଙ୍କ ବେକରେ କଟୁରି ଦାଗ ରହିଛି। ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ବଳପୂର୍ବକ ରାସ୍ତାରେ ଅଟକାଇ ଚେନ୍ ଲୁଟିଥିଲେ। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେବାରେ ପୋଲିସ ପହଞ୍ଚି ସେହି ଅଞ୍ଚଳରେ ତଲାସି କରୁଛି। ହେଲେ ଦୁର୍ବୃତ୍ତଙ୍କ ପତ୍ତା ପାଇନାହିଁ। ସୂଚନାଯୋଗ୍ୟ, ୨ମାସ ହେଲା ପାରାଦୀପର ବିଭିନ୍ନ କଲୋନୀରୁ ପାଣି ମଟର, ବାଇକ, ସୁନା ଗହଣା, ମୋବାଇଲ, କମ୍ପ୍ୟୁଟର ଆଦି ଚୋରି ହେଉଥିବା ଅଭିଯୋଗ ହେଉଛି। ପାରାଦୀପରେ ୫ଟି ଥାନା ଥିବା ଏବଂ ସହରର ସବୁ ଛକରେ ସିସିଟିଭି ଲାଗିବା ସତ୍ତ୍ୱେ ଲୁଟେରାଙ୍କ ଟେର ପାଉନି ପୋଲିସ। ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପୋଲିସ ପାଟ୍ରୋଲିଂ ଠିକ୍‌ରେ ହେଉ ନ ଥିବାରୁ ଲୁଟେରାଙ୍କ ଆତଙ୍କ ଜମୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଲୁଟେରାଙ୍କ ଦୌରାତ୍ମ୍ୟ ଯୋଗୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏ ଦିଗରେ ପୋଲିସ ବିଭାଗ ବରିଷ୍ଠ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।







ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୧ ମାର୍ଚ୍ଚ, ୨୦୧୯



ଯେଉଁ ବେଶ ଧାରଣ କରିଲେ ଲୋକେ ଘୃଣା କରନ୍ତି
ସେହି ବେଶ ଧାରଣ କରିବା ଉଚିତ୍ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ରଣପୁର ଏନ୍ଏସିରେ ପଖାଳ ଦିବସ

**ରଣପୁର, ୨୦।୩ (ସ୍ୱ.ପ୍ର.):** ମାର୍ଚ୍ଚ ୨୦ ତାରିଖକୁ ସାର୍ବଜନୀନ ପଖାଳ ଦିବସ ରୂପେ ପାଳନ କରାଯାଉଛି। ରଣପୁର ଏନ୍ଏସି କଲ୍ୟାଣମଣ୍ଡପରେ ବୁଧବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ନେତା, ଠିକାଦାର ଓ ଏନ୍ଏସି କର୍ମଚାରୀମାନେ ସାମିଲ ହୋଇଥିଲେ। ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାବେଳେ କିଭଳି ଭାବେ ଏନ୍ଏସି କର୍ମଚାରୀଙ୍କ ସହିତ ସ୍ଥାନୀୟ ରାଜନେତାମାନେ ମିଶି ପଖାଳ ଦିବସ ପାଳନ କଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

### ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ



**ଖଣ୍ଡପଡା, ୨୦।୩ (ସ୍ୱ.ପ୍ର.):** ଖଣ୍ଡପଡା ନିକଟ ବାଇଗୁଣିଆଁ ଉଚ୍ଚ ବିଦ୍ୟାଳୟରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଇଗୁଣିଆଁ କ୍ରିକେଟ କ୍ଲବ ଓ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରମାନେ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନୟାଗଡ ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ସ୍ୱେଚ୍ଛାସେବୀ ମହେନ୍ଦ୍ର କୁମାର ବାରିକ, ବାଇଗୁଣିଆଁ କ୍ରିକେଟ କ୍ଲବର ସମ୍ପାଦକ ମନୋଜ କୁମାର ମହାରଣା, ମୁଖ୍ୟ ପରିଚାଳକ ସୁଦର୍ଶନ ମଲିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଷ୍ଟ୍ରଙ୍ଗ୍‌ରୁମ୍‌କୁ ଗଲା ଇଭିଏମ୍

**ପୁରୀ ଅଫିସ, ୨୦।୩:** ସାଧାରଣ ନିର୍ବାଚନକୁ ନେଇ ପ୍ରସ୍ତୁତି ଜୋର୍ ଧରିଲାଣି। ପୁରୀ ଜିଲା ପ୍ରଶାସନ ମଧ୍ୟ ଏ ନେଇ ତତ୍ପର ହୋଇପଡିଛି। ବୁଧବାର ସରକାରୀ ବାଳିକା ବିଦ୍ୟାଳୟରେ ଥିବା ଇଭିଏମ୍‌କୁ ସୁରକ୍ଷା ମଧ୍ୟରେ ନିଆଯାଇ ଷ୍ଟ୍ରଙ୍ଗରୁମ୍ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ରଖାଯାଇଛି। ଏହି ଇଭିଏମ୍ ସ୍ଥାନାନ୍ତର କରିବା ପୂର୍ବରୁ ପ୍ରଶାସନ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଡାକି ଇଭିଏମ୍ ରଖାଯାଇଥିବା ରୁମ୍ ଖୋଲିଥିଲା। ଇଭିଏମ୍‌ର ସ୍ୱଚ୍ଛତା ଯାଞ୍ଚ କରାଯିବା ପରେ ଏଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। ଜିଲାର କେଉଁ ବୁଥ୍‌କୁ କେତୋଟି ଇଭିଏମ୍ ଯିବ ଏବଂ ଏହା କେଉଁଭଳି ସୁରକ୍ଷା ମଧ୍ୟରେ ଯିବ ସେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ଏଥିସହ ଇଭିଏମ୍ ସଂକ୍ରାନ୍ତୀୟ ଲିଖିତ ତଥ୍ୟ ମଧ୍ୟ ପ୍ରଦାନ କରିଥିଲା ପ୍ରଶାସନ। ଗତ ଅଗଷ୍ଟ ମାସରେ ୪ଟି କଣ୍ଟେନରରେ ଏହି ଇଭିଏମ୍‌ଗୁଡ଼ିକ ପୁରୀ ଆସିଥିଲା। ପ୍ରାୟ ୪୩୦୧ ଇଭିଏମ୍‌କୁ ସରକାରୀ ବାଳିକା ବିଦ୍ୟାଳୟରେ ରଖାଯାଇଥିଲା। ପର୍ଯ୍ୟାୟକ୍ରମେ ଏଗୁଡ଼ିକୁ ଟେଷ୍ଟିଂ କରାଯାଇଥିଲା। ୧ ସେକ୍ସନ ପୋଲିସ ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ରହିଥିଲେ।

### ଦୋଳ ବିମାନଙ୍କୁ ପୂଜିଲେ ବାସନ୍ଦ ପରିବାର

**ପୁରୀ ଅଫିସ, ୨୦।୩:** ସତ୍ୟବାଦୀ ଥାନା ପରାହାଟ ଗ୍ରାମରେ ଦୀର୍ଘଦିନ ଧରି ବାସନ୍ଦ ଜୀବନ ବିତାଉଥିବା ୧୮ ପରିବାରଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବାସନ୍ଦ ଲାଗି ଗ୍ରାମର ସମସ୍ତ ମାଙ୍ଗଳିକ କାର୍ଯ୍ୟ, ଯାନିଯାତ୍ରା, ଉତ୍ସବ ଆଦି କାର୍ଯ୍ୟକ୍ରମରୁ ସେମାନେ ବଞ୍ଚିତ ହୋଇଥିଲେ। ବୁଧବାର ଏହି ଘଟଣାର ପୂର୍ଣ୍ଣଚ୍ଛେଦ ପଡିଛି। ସତ୍ୟବାଦୀ ଥାନା ଅଧିକାରୀ ତପନ ରାଉତଙ୍କ ଉପସ୍ଥିତିରେ ଗ୍ରାମର ଶତାଧିକ ଗ୍ରାମବାସୀ ଏବଂ ବାସନ୍ଦ ପରିବାରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆପୋସ ବୁଝାମଣା ମାଧ୍ୟମରେ ଏହାର ସମାଧାନ ହୋଇଥିବା ଥାନା ଅଧିକାରୀ ରାଉତ କହିଛନ୍ତି। ବାସନ୍ଦ ପରିବାର ବୁଧବାର ଦୋଳ ବିମାନ ଠାକୁରଙ୍କୁ ଭୋଗ କରିବା ସୁଯୋଗ ପାଇଥିଲେ। ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଏହି ଗ୍ରାମର ୧୮ ପରିବାର ବାସନ୍ଦ ରହିଥିବା ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଏପରି କି ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ଉପଜିଲାପାଳ ଭବତାରଣ ସାହୁ ସତ୍ୟବାଦୀ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ଥାନା ଅଧିକାରୀ ରାଉତ ବୁଝାଇଥିଲେ। ଦୀର୍ଘ ୩ଘଣ୍ଟାର ଆଲୋଚନା ପରେ ଘଟଣାର ସମାଧାନ ହୋଇଥିଲା ବୋଲି ଥାନା ଅଧିକାରୀ ରାଉତ କହିଛନ୍ତି।

## ବିଜେଡିରୁ ପ୍ରତ୍ୟୁଷା, ପୂର୍ଣ୍ଣଚନ୍ଦ୍ରଙ୍କ ଇସ୍ତଫା

# ବିଜେଡିକୁ ମହଙ୍ଗା ପଡ଼ିବା ଚର୍ଚ୍ଚା

**ନୟାଗଡ଼ ଅଫିସ, ୨୦।୩**

କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ବିଜେଡିରୁ ଇସ୍ତଫା ଦେବା ପରେ ରାଜନୈତିକ ଆଲୋଡ଼ନ ସୃଷ୍ଟି ହୋଇଛି। ପୂର୍ଣ୍ଣଚନ୍ଦ୍ର ବର୍ତ୍ତମାନ ଭାଜପାରେ ଯୋଗଦେଇଥିବାବେଳେ ପ୍ରତ୍ୟୁଷା କେଉଁ ଦଳକୁ ଯିବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ୨୦୧୪ ମସିହାରେ କନ୍ଧମାଳ ଏମ୍‌ପି ଭାବେ ବିଜେଡିରୁ ହେମେନ୍ଦ୍ର ଚନ୍ଦ୍ର ସିଂ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ହେମେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ ବିଜୟୀ ହୋଇ କନ୍ଧମାଳ ଏମ୍‌ପି ହୋଇଥିଲେ। ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ କନ୍ଧମାଳ ଲୋକସଭା ଅନ୍ତର୍ଗତ ହୋଇଥିବାରୁ ପୂର୍ଣ୍ଣଚନ୍ଦ୍ର ଓ ପ୍ରତ୍ୟୁଷା ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମ କରନ୍ତି। ଦଳରେ ଦୁଇ ଜଣଙ୍କୁ ଅଣଦେଖା କରାଯାଇଥିବାରୁ



ଉନ୍ମୋଚନ ହୋଇପାରୁ ନ ଥିବା ସ୍ୱର୍ଗତ ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତି।

### ଭାଜପାରେ ଯୋଗଦେଲେ ପୂର୍ଣ୍ଣଚନ୍ଦ୍ର

ସେମାନେ ବିଜେଡିରୁ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି। ପ୍ରତ୍ୟୁଷାଙ୍କ ବଦଳରେ ଅଚ୍ୟୁତ ସାମନ୍ତଙ୍କୁ ବିଜେଡି ଏମପି ପ୍ରାର୍ଥୀ କରାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ରଙ୍କ ବଦଳରେ ରମେଶ ଚନ୍ଦ୍ର ବେହେରାଙ୍କୁ ଟିକେଟ ଦିଆଯାଇଛି। ପ୍ରତ୍ୟୁଷା ମଧ୍ୟ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିଲେ। ଦଳ ତାଙ୍କୁ ଟିକେଟ ଦେଉ ନ ଥିବା ଆଶଙ୍କା କରି ସେ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ନିଜ ଇସ୍ତଫାପତ୍ରରେ ସେ ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ ଓ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ବିକ୍ରମଙ୍କ ଯୋଗୁ ଦଳରୁ ତାଙ୍କୁ ଟିକେଟ ମିଳି ନ ଥିବା କହିଛନ୍ତି। ସେହିପରି ଅରୁଣ ତାଙ୍କୁ ବିଭିନ୍ନ ସମୟରେ ହଇରାଣ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପାଇଁ ଅସୁବିଧା ସୃଷ୍ଟି କରିଛନ୍ତି। ତେଣୁ ସେ ଦଳରୁ ଇସ୍ତଫା ଦେଇଛନ୍ତି। ପ୍ରତ୍ୟୁଷା ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ଯଦି ସେ ଭାଜପାରେ ଯୋଗଦାନ କରିବେ ତାହା ହେଲେ କିଛିବର୍ଷ ହେଲାଣି ନୟାଗଡ଼ରେ ଭାଜପାର ସ୍ଥିତିକୁ ମଜଭୂତ କରିଥିବା ଇରାନୀ ରାୟ କ'ଣ କରିବେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ପ୍ରତ୍ୟୁଷାଙ୍କ ସ୍ୱାମୀ ହେମେନ୍ଦ୍ର କଂଗ୍ରେସ ଦଳରେ ରହି ନୟାଗଡ଼ରେ ନିଜର ଦବଦବା ବଜାୟ ରଖିଥିଲେ। ତେଣୁ ପ୍ରତ୍ୟୁଷା କଂଗ୍ରେସରୁ ଛିଡ଼ା ହୋଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେବା ନେଇ ମଧ୍ୟ ଆଲୋଚନା ହେଉଛି। ପୂର୍ଣ୍ଣଚନ୍ଦ୍ର ନିଜ ଇସ୍ତଫାପତ୍ରରେ ତାଙ୍କ ନିର୍ବାଚନ ମଣ୍ଡଳୀର ହରିଜନ ଏବଂ ଆଦିବାସୀମାନଙ୍କ ପ୍ରତି ଅତ୍ୟାଚାର କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ବିଜେଡିରେ ବର୍ତ୍ତମାନ ଦୁର୍ନୀତିମୁକ୍ତ ବ୍ୟକ୍ତି ଅପେକ୍ଷା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ, ୨୦।୩**

ବିଜୁ ଜନତା ଦଳ ପକ୍ଷରୁ ନୟାଗଡ଼ ବ୍ଲକରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲୁରହିଛି। ଆସନ୍ତା ସାଧାରଣ ନିର୍ବାଚନ ଇସ୍ତାହାର ଗଠନ ପାଇଁ ଆପଣ ଦିଅନ୍ତି ମତ ପାଳନ କରନ୍ତି ନବୀନ ସ୍ଲୋଗାନରେ ନାରୀନେତ୍ରୀମାନେ ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କ ମତାମତ ସଂଗ୍ରହ କରୁଛନ୍ତି। ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ମାଳତୀ ଗୁରୁ, ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରା, ଇଟାମାଟି ସରପଞ୍ଚ ସୋନାଲିକା ମନ୍ଥନ, ମୁଥାଗାଡ଼ିଆ ସରପଞ୍ଚ ମଞ୍ଜୁଲତାଙ୍କ ନେତୃତ୍ୱରେ ବିଜୁ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିଦିନ ବିଭିନ୍ନ ଗ୍ରାମକୁ ଗ୍ରାମ ବୁଲି ଏହି କାର୍ଯ୍ୟକ୍ରମ କରୁଛନ୍ତି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଚାଲୁ ରହିବା, କେଉଁ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଓ କେନ୍ଦ୍ର ସରକାରଙ୍କ ପାଖରେ କେଉଁ ଦାବିକୁ ଉପସ୍ଥାପନ କରିବା ଉପରେ ଘରେ ଘରେ ପହଞ୍ଚି ମତ ନିଆଯାଉଛି। ନୟାଗଡ଼ ବ୍ଲକରେ ୨୯ ପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ଘର ଘର ବୁଲି ଆପଣ ଦିଅନ୍ତି ମତ ପାଳନ କରନ୍ତି ନବୀନ ବାର୍ତ୍ତାକୁ ପହଞ୍ଚାଇବା ସହ ନିର୍ବାଚନ ଇସ୍ତାହାର ଗଠନ ପାଇଁ ଏହି ମତାମତ ସଂଗ୍ରହ ଚାଲୁ ରହିଥିବା ନାରୀନେତ୍ରୀମାନେ ପ୍ରକାଶ କରିଛନ୍ତି।



ନାରୀନେତ୍ରୀମାନେ ଗ୍ରାମ ଗ୍ରାମ ବୁଲି ମତ ସଂଗ୍ରହ କରୁଛନ୍ତି।

# ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଖଣ୍ଡପଡା/ଭାପୁର, ୨୦।୩(ସ୍ୱ.ପ୍ର./ଡି.ଏନ.ଏ.)**

ଖଣ୍ଡପଡା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଭାପୁର ବ୍ଲକ ଶାଳପଡା ପଞ୍ଚାୟତରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ୍ ରାଲି ଭାପୁର, ଫତେଗଡ, ବିଜିପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଯୁବ ନେତା ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଟ୍ଟନାୟକ ଯୋଗଦେଇ ମହାନଦୀ ଜଳ ଆବଣ୍ଟନ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମନ୍ଥରତା, ଜାତୀୟ ରାଜପଥକୁ ଅର୍ଥ ପ୍ରଦାନ ସମ୍ପର୍କରେ ଅଭିଯୋଗ କରିବା ସହିତ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇଁ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାପୁର ସରକାରୀ ଓକିଲ ସନାତନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାପୁରୁଷ।

### ବିଭିନ୍ନ ଗ୍ରାମ ବୁଲିଲା ବାଇକ୍ ରାଲି

ଷଡଙ୍ଗୀ, ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ, ଖଣ୍ଡପଡା ଆଇଟି ସେଲର ମୁଖ୍ୟ ନୀଳମାଧବ ମିଶ୍ର, ବିଜୁ ଜନତା ସଭାପତି ନାରାୟଣ ଜେନା, ନୟାଗଡ଼ ଜିଲା ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ଅଭିଜିତ ପଟ୍ଟନାୟକ, ଭାପୁର ବିଜୁ ଛାତ୍ର ଜନତା ଦଳର ସଭାପତି ଜିତେନ୍ଦ୍ର କୁମାର ଧଳ, ଯୁବ ନେତା ଗିରିଧର ସ୍ୱାଇଁଙ୍କ ସମେତ ବିଜୁ ଯୁବବାହିନୀ ସଦସ୍ୟ ଯୋଗଦେଇ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ।

# ସ୍କୁଲର ବାର୍ଷିକ ଉତ୍ସବ

**ଖଣ୍ଡପଡା, ୨୦।୩ (ସ୍ୱ.ପ୍ର.)**

ଖଣ୍ଡପଡା ମଧୁବନ ମିନିଷ୍ଟାଡିୟମ୍ ପରିସରରେ ଓମ୍‌ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ପଠାଣିସାମନ୍ତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ମୁଖ୍ୟଅତିଥି ଓ ସିଆରସିସି ନରେନ୍ଦ୍ର କୁମାର ସାହୁ, ଖଣ୍ଡପଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ଦାସ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ପଞ୍ଚାନନ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦକ ପ୍ରଦୀପ୍ତ କିଶୋର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷା ହିଁ ବିକାଶର ଚାବିକାଠି। ତେଣୁ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରି ସମାଜରେ ଭଲ ମଣିଷ ହୁଅନ୍ତୁ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରୋଜାଲିନ୍ ଦାଶ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଅଟୋ ଧକ୍କାରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ନଷ୍ଟ

## ଅନ୍ଧାରରେ ଯୋଗିଆପଲ୍ଲୀବାସୀ, ବର୍ତ୍ତିଗଲେ ଚାଳକ

**ଖଣ୍ଡପଡା ୨୦।୩ (ସ୍ୱ.ପ୍ର.)**

ବୁଧବାର ଅପରାହ୍ନରେ ଏକ ଡାଲା ଅଟୋ ଧକ୍କାରେ ଯୋଗିଆପଲ୍ଲୀସ୍ଥିତ ବିଦ୍ୟୁତ୍ ସବ୍‌ଷ୍ଟେଶନ ନଷ୍ଟ ହୋଇଯାଇଛି। ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ ୩ ଗଡ ହୋଇଯାଇଥିବାବେଳେ ଅଟୋ ଚାଳକ ବର୍ତ୍ତିଯାଇଛନ୍ତି। ଏଥିଯୋଗୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। କଣ୍ଟିଲୋ ଅଞ୍ଚଳରୁ ବିବାହ ସଜ ନେଇ ନୟାଗଡ ଯାଉଥିବା ଅଟୋ ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ଭାରସାମ୍ୟ ହରାଇ ଯୋଗିଆପଲ୍ଲୀଠାରେ ଥିବା ୧୬ କେଭି ସବ୍‌ଷ୍ଟେଶନ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଖବର ପାଇ ବିଭାଗୀୟ କର୍ମଚାରୀ ବିଦ୍ୟୁତ୍ ଲାଇନ ବିଚ୍ଛିନ୍ନ କରି ଦେଇଥିଲେ। ତେବେ ସବ୍‌ଷ୍ଟେଶନ ନଷ୍ଟ ହୋଇଯାଇଥିବାରୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଦୁର୍ଘଟଣାରେ ବିଦ୍ୟୁତ୍ ବିଭାଗର ପ୍ରାୟ ଦେଢଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବିଭାଗର କନିଷ୍ଠଯନ୍ତ୍ରୀ ବିନୋଦ କୁମାର ମହାରଣା ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଅଟୋଟି ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଆହତ ହୋଇଛନ୍ତି। ଗାଡିରେ ଥିବା ବିବାହ ସାମଗ୍ରୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ଖଣ୍ଡପଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଜବତ କରିଛି।



ଦୁର୍ଘଟଣାଗ୍ରସ୍ତ ଅଟୋ।

## ବରମୁଣ୍ଡା ଓଭରବ୍ରିଜ ଉପରେ ଦୁର୍ଘଟଣା

# ଅଜଣା ଗାଡ଼ି ଧକ୍କାରେ ଦମ୍ପତି ମୃତ

**ପାତ୍ରପଡା, ୨୦।୩( ଡି.ଏନ.ଏ.)**

ବରମୁଣ୍ଡା ଓଭରବ୍ରିଜ୍ ଉପରେ ବୁଧବାର ଅଜଣାଗାଡି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ ଜିଲା ବାଣିଗୋଛା ଅଞ୍ଚଳର ଉପେନ୍ଦ୍ର ନାୟକ (୫୦), ସ୍ତ୍ରୀ ଲତା(୩୮)। ଉପେନ୍ଦ୍ର ସ୍ତ୍ରୀ ଲତାଙ୍କ ସହ ବାଇକ୍ (ଓଡି୦୨ଏସ୬୧୬୭) ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବରମୁଣ୍ଡା ଓଭରବ୍ରିଜ ଉପରେ ପୂର୍ବାହ୍ନ ସାଢେ ୧୦ଟାରେ ଏକ ଅଜଣା ଗାଡି ତାଙ୍କ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ସ୍ୱାମୀସ୍ତ୍ରୀ ଗୁରୁତର ଆହତ ସେଠାରେ ପଡି ରହିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡି ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଖବରପାଇ ଖଣ୍ଡଗିରି ଥାନା ପୋଲିସ ଆହତ ଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିବା ସହ ଏ ସଂକ୍ରାନ୍ତରେ ନଂ. ୧୫୩/୧୯ରେ ମାମଲା ରୁଜୁ କରିଛି। ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଢାବାରେ ଚାଲିଛି ବେଆଇନ ମଦ ବେପାର

**ରଣପୁର, ୨୦।୩ (ସ୍ୱ.ପ୍ର.)**

ଖୋର୍ଦ୍ଧା-ବ୍ରହ୍ମପୁର ୧୬ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଞ୍ଚଳରେ ଥିବା ବିଭିନ୍ନ ଢାବାରେ ବେଆଇନ ଭାବେ ଦେଶୀ ବିଦେଶୀ ମଦ ବେପାର ଚାଲିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ନୀରବଦ୍ରଷ୍ଟା ସାଜୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଚାନ୍ଦପୁର ଥାନା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ କଡରେ ୩୦ରୁ ଊର୍ଦ୍ଧ୍ୱ ଢାବା ଗଢିଉଠିଛି। ଅଧିକାଂଶ ଢାବାରେ ଖାଦ୍ୟ ସହିତ ବେଆଇନ ଭାବେ ମଦ ବିକ୍ରି କରାଯାଉଛି।

### ପୋଲିସ, ଅବକାରୀ ବିଭାଗ ନୀରବ

ଏକ ଆକଳନରୁ ଜଣାପଡିଛି ଯେ, ପ୍ରତ୍ୟେକ ଦିନ ଢାବାମାନଙ୍କରେ ଏକଟ୍ରିପ୍‌ରୁ ଊର୍ଦ୍ଧ୍ୱ ଦେଶୀ ବିଦେଶୀ ମଦ ବିକ୍ରି ହେଉଛି। ସ୍ଥାନୀୟ ଅବକାରୀ ବିଭାଗ କିମ୍ବା ପୋଲିସ ଚଢାଉ କରିବାକୁ ସାହସ କରୁନାହିଁ। ମଦ୍ୟପାନ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଅପରପକ୍ଷେ ବେଆଇନ ମଦ କାରବାର ଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏହି କାରବାର ବନ୍ଦ କରିବାକୁ ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହେଉଥିଲେ ମଧ୍ୟ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉନି। ଏହା ଦ୍ୱାରା ଢାବା ମାଲିକମାନେ ମାଲାମାଲ୍ ହେଉଥିବା ଦେଖିବାକୁ ମିଳୁଛି। ବଜାରରେ ଥିବା ଛୋଟ ଛୋଟ ଫାଷ୍ଟଫୁଡ୍ ଦୋକାନରେ ଲୋକଦେଖାଣିଆ ପୋଲିସ ଚଢାଉ କରୁଥିବାବେଳେ ଏହିସବୁ ଢାବାରେ କାହିଁକି ଚଢାଉ କରାଯାଉ ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଅବକାରୀ ବିଭାଗ ଗାଁ ଗହଳିର ଛୋଟ ମଦ ବେପାରୀଙ୍କୁ ଧରି ବାହାବା ନେଉଥିବା ବେଳେ ଏହି ଢାବାରେ ଚଢାଉ କରିବାକୁ ସାହସ କରିପାରୁ ନାହିଁ। ଏକପକ୍ଷରେ ପୋଲିସ ଓ ଅବକାରୀ ବିଭାଗ ଏବଂ ଅନ୍ୟପକ୍ଷରେ ମଦ ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାନ୍ଦପୁର ଜାତୀୟ ରାଜପଥ ପାର୍ଶ୍ୱକୁ ମଦ ବେପାରୀମାନେ କୁଟୀର ଶିଳ୍ପରେ ପରିଣତ କରିଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଯୁବନେତା ପ୍ରଶାନ୍ତ କୁମାର ନାୟକ ପ୍ରକାଶ କରିଛନ୍ତି। ଅନୁରୂପ ଭାବେ ପୋଲିସ ମାସିକ ଚାନ୍ଦା ନେଉଥିବାରୁ ପାଟ୍ରୋଲିଂ ପାଇଁ ଯାଉ ନ ଥିବା ସ୍ଥାନୀୟ ବାସିନ୍ଦା ପ୍ରଭାସ ପ୍ରଧାନ କହିଛନ୍ତି। ଏ ନେଇ ନୟାଗଡ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ହାନିଦୁଲା ଖାନ୍ କୁହନ୍ତି, ଏ ବିଷୟରେ ଆମେ ଅବଗତ ନ ଥିଲୁ। ଯଦି ବିନା ଲାଇସେନ୍ସରେ ଢାବାରେ ମଦ ବିକ୍ରି ହେଉଛି, ତା'ହେଲେ ରେଡ୍ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ନୟାଗଡ ଏସ୍‌ପି ଶଶିଭୂଷଣ ଶତପଥୀ କହନ୍ତି, ଯଦି ଢାବାମାନଙ୍କରେ ବେଆଇନ ଭାବେ ମଦ ବିକ୍ରି କରାଯାଉଛି, ତେବେ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଶ୍ରୀରଘୁନାଥଜୀଉଙ୍କ ପୀଠରେ ୧୩ରୁ ଶ୍ରୀରାମ ନବମୀ ଯାତ୍ରା

**ଓଡ଼ଗାଁ, ୨୦।୩(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ପାଳିତ ହେଉଥିବା ଶ୍ରୀରାମନବମୀ ଯାତ୍ରା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ସମ୍ମିଳନୀ ଗୃହରେ ତହସିଲଦାର ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଆଦର୍ଶ ଥାନା ଆରକ୍ଷୀ ନିରୀକ୍ଷକ ଜ୍ୟୋତିପ୍ରକାଶ ପଣ୍ଡା, ବରିଷ୍ଠ ଓକିଲ ତଥା ଶାନ୍ତି କମିଟି ଲିଗାଲ ସେଲ୍ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ସାହୁ, ଜିଲା ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ଦେବୋତ୍ତର ହିସାବ ରକ୍ଷକ ସୁବାସ ଚନ୍ଦ୍ର ବରାଡ ମଞ୍ଚାସୀନ ଥିଲେ। ଏପ୍ରିଲ ୧୩ ଶନିବାର ଶ୍ରୀରାମନବମୀ ଠାରୁ ୨୪ ତାରିଖ





ବୈଠକରେ ଉପସ୍ଥିତ କମିଟି ସଦସ୍ୟ।

ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୧୨ ଦିନ ବ୍ୟାପୀ ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରା ମହୋତ୍ସବ ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଯାତ୍ରା ଅବଧି ସମୟରେ ଚଳିତ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଥାନା ଆଇଆଇସି ସ୍ଥାନୀୟ ଜନ ସାଧାରଣ, ମନ୍ଦିର ପୂଜକ ଓ ସେବକ ପରିଷଦ ତଥା ଶାନ୍ତି କମିଟି ସହଯୋଗ କାମନା କରିଥିଲେ। ସେହିପରି ପରିମଳ, ପାନୀୟ ଜଳ, ଟ୍ରାଫିକ ନିୟନ୍ତ୍ରଣ, ଆଶୁ ଚିକିତ୍ସା, ଅଗ୍ନିଶମ, ବିଦ୍ୟୁତ ଯୋଗାଣ, ନିୟନ୍ତ୍ରଣକକ୍ଷ ସ୍ଥାପନ, ଯାତ୍ରା ଦାଣ୍ଡର ଜବରଦଖଲ ଉଚ୍ଛେଦ ସହିତ ଆମିଷ ବିକ୍ରି ନିଷେଧ, ଶ୍ରୀଜୀଉଙ୍କ ବିବାହ ଶୋଭାଯାତ୍ରା, ଏନସିସି ଓ ସ୍କାଉଟ କ୍ୟାଡେଟ ମୁତୟନ ଆଦି ସମ୍ପର୍କରେ ଆଲୋଚନା

### ପ୍ରସ୍ତୁତି ବୈଠକ ଶେଷ

କରାଯାଇଥିଲା। ତହସିଲଦାରଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଥିବା ଶାନ୍ତି କମିଟିର ସଦସ୍ୟମାନେ ଦୈନିକ ମନ୍ଦିରରେ ଉପସ୍ଥିତ ରହିବା ସହିତ ଶାନ୍ତି ଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଇଥିଲା। ରାମନବମୀ ମଧ୍ୟାହ୍ନରେ ଗ୍ରୀଷ୍ମ ତାପ ନିରାକରଣ ନିମନ୍ତେ ଶ୍ରୀ ସତ୍ୟସାଇ ସେବା ସମିତି କର୍ମକର୍ତ୍ତାଙ୍କୁ ସ୍ପ୍ରେ ମେଶିନ ସାହାଯ୍ୟରେ ସମବେତ ଶ୍ରଦ୍ଧାଳୁଙ୍କୁ ସୁବାସିତ ଶୀତଳ ଜଳ ସିଞ୍ଚନ କରିବାକୁ ଅନୁରୋଧ କରାଯାଇଥିଲା। ୧୨ ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରା ଅବସରରେ ଶ୍ରୀଜୀଉମାନେ ଦୈନିକ ବିଭିନ୍ନ ବେଶରେ ସନ୍ଧ୍ୟା ବେଶ ଦର୍ଶନ ଦେବେ। ୧୩ ଏପ୍ରିଲରେ ଜନ୍ମ ନାରାୟଣ ବେଶ(ରାମଜନ୍ମ), ୧୪ରେ ତାଡକା ବଧ, ୧୫ରେ ଅହଲ୍ୟା ଉଦ୍ଧାରଣ, ୧୬ରେ ଗଙ୍ଗାପାର, ୧୭ରେ ଧନୁଭଙ୍ଗ(ସୀତାବିବାହ), ୧୮ରେ ଗୁରୁବାର ହେତୁ ବିରାମ, ୧୯ରେ ବନବାସ, ୨୦ରେ ଚିତ୍ରକୁଟ, ୨୧ରେ ଅଷ୍ଟାବଧାନ, ୨୨ରେ ଯୁଦ୍ଧଯାତ୍ରା, ୨୩ରେ ଅଭିଷେକ ଓ ୨୪ ଏପ୍ରିଲରେ ପାଣିଖେଳ ସନ୍ଧ୍ୟାବେଶ ଅନୁଷ୍ଠିତ ହେଉଥିବା ଦେବୋତ୍ତର ବିଭାଗ ତରଫରୁ ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ଏସବିଆଇ ପରିଚାଳକ ଶ୍ରୀଧର କୁମାର ମିଶ୍ର, ସେସୁ ସହକାରୀ ପରିଚାଳକ ଶୁଭେନ୍ଦ୍ର କୁମାର ସ୍ୱାଇଁ, ବରିଷ୍ଠ ପୂଜକ ପୂର୍ଣ୍ଣଚନ୍ଦ୍ର ନନ୍ଦ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଏନ୍ଏସ୍ଏସ୍‌ର ସଚେତନତା କାର୍ଯ୍ୟକ୍ରମ

**ପୁରୀ ଅଫିସ, ୨୦।୩**

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା(ଏନଏସଏସ) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ ଏବଂ ନ୍ୟୁଟ୍ରିଶନ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା। କଲେଜ ପରିସରରୁ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ। କଲେଜ ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ସ୍ୱେଚ୍ଛାସେବୀମାନଙ୍କୁ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଅଶୋକ ସିଂ, ସବିତା ସୋରେନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।